# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଚତୁର୍ଦ୍ଦଶ ବର୍ଷ | ପ୍ରଥମ ସଂଖ୍ୟା | ଜାନୁଆରୀ ୨୦୧୭



**ଉପଦେଷ୍ଟା ମଣ୍ଡଳୀ**
ଗଜେନ୍ଦ୍ର ନାଥ ମହାନ୍ତି
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
କୃଷ୍ଣଚନ୍ଦ୍ର ବେହେରା

**ସମ୍ପାଦନା ମଣ୍ଡଳୀ**
ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
ମାନସ ରଞ୍ଜନ ପଟ୍ଟନାୟକ
ରଞ୍ଜିତ୍ ରାଉତ୍

**ସଂପାଦକ**
ଡ଼. ସନ୍ତୋଷ କୁମାର ମହାପାତ୍ର

**ସହ ସଂପାଦକ**
ଅଭୟ କୁମାର ଦାସ

**ପରିଚାଳକ**
ଧନେଶ୍ୱର ନାୟକ

**ସହକାରୀ ପରିଚାଳକ**
ରବି ନାରାୟଣ ଆଚାର୍ଯ୍ୟ

ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- ପ୍ରତିବାଦର ସ୍ୱରକ୍ଷୀଣ
- ଆର୍. ଗୋବିନ୍ଦରାଜନ୍
- ନିର୍ବାଚନ ଫଳାଫଳ
- ବିଶ୍ୱ ପାଇଁ ଅଶୁଭ
- ଋଷ ବିପ୍ଳବ
- ମୋଦୀ ଶାସନରେ ଚାଷୀ
- ବଜେଟ୍ ୨୦୧୭-୧୮
- Pension case in Delhi
- ମହାସମ୍ମିଳନୀର ବାର୍ତ୍ତା
- ବିମୁଦ୍ରୀକରଣ


*ସଂପାଦକୀୟ........................*

## ପ୍ରତିବାଦର ସ୍ୱର କ୍ଷୀଣ ନ ହେଉ

ନିକଟରେ ୫ଟି ରାଜ୍ୟର ବିଧାନ ସଭା ନିର୍ବାଚନ ଶେଷ ହୋଇଛି । ବିଜେପି ଉତ୍ତର ପ୍ରଦେଶ ତଥା ଉତ୍ତରାଖଣ୍ଡରେ ଅର୍ଦ୍ଧାଧିକ ଆସନରେ ବିଜୟୀ ହେଲାବେଳେ ପଞ୍ଜାବରେ ଶୋଚନୀୟ ପରାଜୟ ବରଣ କରିଛି । ମଣିପୁର ଓ ଗୋଆରେ କେବଳ ଆସନ ସଂଖ୍ୟାର ଅଧାରୁ କମ୍ ନୁହେଁ କଂଗ୍ରେସଠାରୁ କମ ଆସନ ପାଇ ମଧ କୌଶଳ ବଳରେ ଅନ୍ୟ କିଛି ବିଧାୟକମାନଙ୍କୁ ଆଜି ମନ୍ତ୍ରୀମଣ୍ଡଳ ରହିଛି । ଏଥିରେ ମଧ ଦୁଇ ରାଜ୍ୟର ରାଜ୍ୟପାଳ ଏକପ୍ରକାର ସହାୟତା କରିଛନ୍ତି । ଅନେକ କହୁଛନ୍ତି ମୋଦିଙ୍କ ଜନପ୍ରିୟତା ବୃଦ୍ଧିପାଇଛି । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ । କାରଣ ୨୦୧୪ ଲୋକସଭା ନିର୍ବାଚନର ଉତ୍ତର ପ୍ରଦେଶରେ ବିଜେପି ୪୨.୩% ଭୋଟ ପାଇଥିଲା ବେଳେ ଏଥର ୩୯.୪% ଭୋଟ ପାଇଛି । ସେହିପରି ଉତ୍ତରାଖଣ୍ଡରେ ୨୦୧୪ରେ ୫୫.୩% ଭୋଟ ପାଇଥିଲା ବେଳେ ଏଥର ୪୬.୫% ଭୋଟ ପାଇଛି ।

ଅର୍ଥ ଓ କ୍ଷମତାର ଅପବ୍ୟବହାର, ସାମ୍ପ୍ରଦାୟିକ ଧ୍ରୁବୀକରଣ ସାଙ୍ଗକୁ ଧର୍ମନାମରେ ରାଜନୀତି, ରାମ ମନ୍ଦିର ପ୍ରସଙ୍ଗ, ଚାଷୀଙ୍କୁ ଋଣ ଛାଡ଼ର ମିଥ୍ୟା ପ୍ରତିଶୃତି ଏବଂ ସର୍ବୋପରି ସମାଜବାଦି ପାର୍ଟିର ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ ବିଜେପି ଉତ୍ତର ପ୍ରଦେଶରେ ସଫଳତା ପାଇପାରିଛି । ବିଶେଷ କରି କଂଗ୍ରେସର ବିପର୍ଯ୍ୟୟ ସାଙ୍ଗକୁ ପ୍ରଗତିଶୀଳ ଶକ୍ତିଙ୍କ ନୀରବତା ବିଜେପିକୁ ସଫଳତା ଆଣି ଦେଇଛି । କିନ୍ତୁ ସରକାର ପକ୍ଷରୁ ଯେଉଁ ପ୍ରଚାର କରାଯାଉଛି ଯେ ବିମୁଦ୍ରାୟନକୁ ଲୋକମାନେ ଗ୍ରହଣ କରିଛନ୍ତି, ତାହା ଭୁଲ । କାରଣ ତାହା ହୋଇଥିଲେ ପଞ୍ଜାବରେ ବିଜେପିର ଏପରି ଶୋଚନୀୟ ପରାଜୟ ସାଙ୍ଗକୁ ମଣିପୁର ଓ ଗୋଆରେ ସଂଖ୍ୟାଧିକ ଆସନ ପାଇବାରେ ବିଫଳ ହୋଇନଥାନ୍ତା । ଏସବୁ ସତ୍ତ୍ୱେ ଜନମତକୁ ଆମେ ସମ୍ମାନ ଦେଉଛୁ ।

କିନ୍ତୁ ମୋଦି ୩ ବର୍ଷ ପାଖାପାଖି ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ କେବଳ ବିଦେଶ ଭ୍ରମଣ, ମନଭୁଲାଣିଆ ସ୍ଲୋଗାନ୍, ଭାବାବେଗ ସହିତ ଜଡ଼ିତ ଭାଷଣ ଦେଇ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । କୌଣସି ଉନ୍ନୟନମୂଳକ ବା ଆଖି ଦୃଶିଆ କାର୍ଯ୍ୟ କରିନାହାଁନ୍ତି । ବରଂ କଂଗ୍ରେସ ସମୟରେ ଯେଉଁ ନୀତି ଯଥା ଏଫ୍.ଡ଼ି.ଆଇ., ଜି.ଏସ୍.ଟି ଆଦିକୁ ବିଜେପି ବିରୋଧ କରୁଥିଲା ତାହାକୁ ବର୍ତ୍ତମାନ ଅଧିକ ଆଗ୍ରହର ସହିତ କାର୍ଯ୍ୟକାରୀ କରୁଛି । ଜନବିରୋଧୀ ଆର୍ଥିକ ସଂସ୍କାରକୁ ଅଧିକ ବେଗରେ ତ୍ୱରାନ୍ୱିତ କରୁଛନ୍ତି । କିପରି ଅଧିକ ସମ୍ବଳ ସଂଗ୍ରହ ହେବ, କ୍ଷୁଧା, ଦାରିଦ୍ର୍ୟ ବୈଷମ୍ୟ ଓ ବେକାରୀ ହ୍ରାସ ପାଇବ ସେଥିପାଇଁ କୌଣସି ନିଘା ନାହିଁ । ପ୍ରଗତି, ବିକାଶକୁ ସଫଳତାର ମାପକାଠି ଭାବେ ଆଉ ବିଚାର କରାଯାଉ ନାହିଁ । ଲୋକଙ୍କୁ ଭୁଁଆ ବୁଲାଇବା ପାଇଁ ଆର୍ଥିକ ଅଭିବୃଦ୍ଧିକୁ ତ୍ରୁଟିପୂର୍ଣ୍ଣ ପଦ୍ଧତିରେ ଆକଳନ କରି ଅଧିକ ଦେଖାଯାଉଛି । ନୂଆ ପଦ୍ଧତିରେ ଯଦି ପରୋକ୍ଷ କର ବୃଦ୍ଧି ପାଏ ବା ସବ୍‌ସିଡ଼ି ହ୍ରାସ ପାଏ ତେବେ ଜିଡ଼ିପି ଆପେ ଆପେ ବୃଦ୍ଧି ପାଇବ । ପରୋକ୍ଷ କର ବୃଦ୍ଧି ଗରିବମାନଙ୍କ ଉପରେ ଅଧିକ କୁପ୍ରଭାବ ପକାଉଥିବାରୁ ଏହା ପ୍ରତିଗାମୀ ଏବଂ ଏହାକୁ ବୃଦ୍ଧି କରିବା ଅନାବଶ୍ୟକ । ଏଥିପାଇଁ ପ୍ରତ୍ୟକ୍ଷ କର ବୃଦ୍ଧି ଆବଶ୍ୟକ । କିନ୍ତୁ ସରକାର ପରୋକ୍ଷକର ବିଶେଷ କରି ଅବକାରୀ ଶୁଳ୍କ ବୃଦ୍ଧି କରିଚାଲିଛନ୍ତି । ଗତ ୩ବର୍ଷରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଅହେତୁକ ହ୍ରାସ ପାଇବା ଯୋଗୁଁ ବିଭିନ୍ନ ଦେଶରେ ଏହାର ସୁବିଧା ଦେଶ ବାସୀଙ୍କୁ ତୈଳ ଦର ହ୍ରାସ ମାଧ୍ୟମରେ ଦିଆଯାଇଛି । କିନ୍ତୁ ଆମ ଦେଶରେଏହି ସୁବିଧା ଦେଶବାସୀ ପାଇ ପାରୁନାହାଁନ୍ତି , ବରଂ ଅବକାରୀ ଶୁଳ୍କ ବୃଦ୍ଧି କରାଯାଇଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ତଥା ଶିଳ୍ପପତି ଓ ପୁଞ୍ଜିପତିଙ୍କୁ ସମର୍ଥନ ଯୋଗୁ ବ୍ୟାଙ୍କ୍‌ମାନଙ୍କର ଷ୍ଟ୍ରେସ୍‌ଡ୍ ଆସେଟ୍ ୧୦ ଲକ୍ଷ କୋଟି ଟଙ୍କା ପାଖାପାଖି ହେବା ସହିତ ବ୍ୟାଙ୍କ୍ ଅବସ୍ଥା ସଙ୍ଗୀନ ହେଲାଣି । ଅନାଦେୟ ଟିକସ ପରିମାଣ ୮ ଲକ୍ଷ କୋଟି ଟଙ୍କା ଅତିକ୍ରମ କଲାଣି ।

ମୋଦିଙ୍କ ଅମଳରେ ଦେଶବାସୀ ଖୁସି ଓ ଶାନ୍ତିରେ ଅଛନ୍ତି ବୋଲି ଅନେକ ଯୁକ୍ତି କରୁଛନ୍ତି । କିନ୍ତୁ ସଦ୍ୟ ପ୍ରକାଶିତ ବିଶ୍ୱ ଖୁସି ସୂଚକାଙ୍କ ୨୦୧୭ ଅନୁସାରେ ଭାରତ ୧୫୫ ଦେଶ ମଧ୍ୟରେ ୧୨୨ ସ୍ଥାନରେ ରହିଛି । ୨୦୧୬ରେ ଏହା୧୧୮ ସ୍ଥାନରେ ଥିଲା ଏବଂ ଏଥର ୪ ଅଙ୍କ ତଳକୁ ଖସି ଆସିଛି । ସବୁଠାରୁ ଚିନ୍ତାର ବିଷୟ ଚୀନ (୭୯), ପାକିସ୍ତାନ (୮୦), ନେପାଳ (୯୯), ବାଂଲାଦେଶ (୧୧୦), ଇରାକ (୧୨୦), ଶ୍ରୀଲଙ୍କା (୧୨୦) ଆଦି ଦେଶ ଭାରତଠାରୁ ଆଗରେ ଅଛନ୍ତି । ସେହି ଦେଶର ଲୋକମାନେ ଆମ ଠାରୁ ଅଧିକ ଖୁସୀ । ଏହି ସୂଚକାଙ୍କ ସୂଚାଉଛି ଯେ ମୋଦିଙ୍କ ଶାସନରେ ଲୋକମାନେ ଆଗ ଅପେକ୍ଷା ଅଧିକ ଅସୁଖୀ ।

ସବୁଠାରୁ ଚିନ୍ତାର ବିଷୟ ହେଉଛି ମୋଦିଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ଯିଏ ସମାଲୋଚନା କଲା ତାକୁ ଦେଶ ଦ୍ରୋହୀ, କଂଗ୍ରେସିଆ, କମ୍ୟୁନିଷ୍ଟିଆ ଆଦି କଟୁ କଥା କୁହାଯାଉଛି । ଚୀନ୍ ବା ପାକିସ୍ତାନ ଚାଲିଯିବାକୁ ଧମକ ଦିଆଯାଉଛି । ଯେଉଁ ଦେଶରେ ଦେଶବାସୀ ସ୍ୱାଧୀନ ଭାବେ ମତବ୍ୟକ୍ତ କରିପାରନ୍ତି ଓ ସରକାରଙ୍କ ତୃଟିପୂର୍ଣ୍ଣ ନୀତିକୁ ସମାଲୋଚନା କରିପାରନ୍ତି, ସେ ଦେଶରେ ଗଣତନ୍ତ୍ର ସେତେ ସଫଳ ବୋଲି ବିବେଚନା କରାଯାଏ । କିନ୍ତୁ ଏ ସରକାର ଅମଳରେ ପ୍ରତିବାଦର ସ୍ୱରକୁ କେବଳ କ୍ଷୀଣ ନୁହେ ସମ୍ପୂର୍ଣ୍ଣ ଚାପି ଦେବାକୁ ପ୍ରୟାସ କରାଯାଉଛି । ଏହା ଆମର ଗଣତନ୍ତ୍ର ପ୍ରତି ବଡ଼ ବିପଦ । ବୁଦ୍ଧିଜୀବୀ ତଥା ପ୍ରଗତିଶୀଳ ବ୍ୟକ୍ତିମାନେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଉଚିତ୍ ।

*ଅଭିନନ୍ଦନ ସହ*

ଡକ୍ଟର ସନ୍ତୋଷ କୁମାର ମହାପାତ୍ର



# ସାଥୀ ଆର୍. ଗୋବିନ୍ଦ ରାଜନଙ୍କ ଦେହାନ୍ତ ଏକ ଅପୂରଣୀୟ କ୍ଷତି

ପ୍ରଶାନ୍ତ କୁମାର ନାୟକ
କୋଷାଧ୍ୟକ୍ଷ, ସି.ଡ଼ି.ଆଇ.ଇ.ଏ.

ରାଜା ହେଲେ ବି ମୃତ୍ୟୁର ଶୀତଳ ସ୍ପର୍ଶ ସମସ୍ତଙ୍କୁ ଛୁଇଁଥାଏ । ସମୟର କରାଳ ସ୍ରୋତରେ ସମସ୍ତେ ଦିନେ ନା ଦିନେ ବିଲୀନ ହୋଇଯିବେ । କିନ୍ତୁ ମାନବଜାତି ସେମାନଙ୍କୁ ମନେରଖେ ଯେଉଁମାନେ ନିଜ ଜୀବନ ଅବସ୍ଥାରେ ସମାଜ ପାଇଁ କିଛି କରିଥା'ନ୍ତି । ନିଖିଳ ଭାରତ ବୀମା କର୍ମଚାରୀ ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ଦିବଂଗତ ଆର୍ ଗୋବିନ୍ଦ ରାଜନ୍ ସେହିପରି ଜଣେ ମଣିଷ ଥିଲେ ଯେ ଜୀବିତ ଅବସ୍ଥାରେ ସମାଜର ଦୁର୍ବଳ ଶ୍ରେଣୀ ବର୍ଗର ଲୋକ, ଶ୍ରମିକ, ଖଟିଖିଆ ମେହନତୀ ଜନତାଙ୍କ ପାଇଁ କିଛି କରିବା ପାଇଁ ପ୍ରୟାସ କରିଥିଲେ ।



ସାଥୀ ଆର୍ ଗୋବିନ୍ଦରାଜନ ଯାହାଙ୍କର ପ୍ରିୟ ନାମ ଆର୍.ଜି. । ତ୍ରିଚିର (Trichy) ସେଣ୍ଟ ଜୋସେଫ୍ ମହାବିଦ୍ୟାଳୟରୁ ଶିକ୍ଷା ଲାଭ କରି ସାରିବା ପରେ ୧୯୬୦ ମସିହାରେ ଭାରତୀୟ ଜୀବନ ବୀମା ନିଗମର ମଦୁରାଇ ମଣ୍ଡଳ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିଲେ । ଜଟିଳ ପରିସ୍ଥିତିରେ ଯେତେବେଳେ ଅଖିଳ ଭାରତ ବୀମା କର୍ମଚାରୀ ସଂଘ (AIIEA) ତାହାର ବୀମା କର୍ମଚାରୀମାନଙ୍କର ସ୍ୱାର୍ଥ ବଜାୟ ରଖିବା ପାଇଁ ସଂଘର୍ଷରତ, ସେତେବେଳେ ସାଥୀ ଗୋବିନ୍ଦରାଜନ ଏହି ସଙ୍ଗଠନର ଏକ ବିଚକ୍ଷଣ ସିପାହୀ ହିସାବରେ ସଂଗ୍ରାମରେ ଯୋଗ ଦେଇଥିଲେ । ୧୯୬୨ ମସିହାରେ ତାଞ୍ଜାଭର ମଣ୍ଡଳ (Thanjavur Division) ଖୋଲିବା ପରେ ସେ ସେଠାକୁ ସ୍ଥାନାନ୍ତରିତ ହୋଇ ସାଥୀ ଆର୍ ଉମାନାଥଙ୍କ ସହିତ ନିବିଡ଼ ଭାବେ କାର୍ଯ୍ୟକରି ୧୯୬୩ ମସିହାରେ ତାଞ୍ଜାଭର ମଣ୍ଡଳ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଏହାପରେ ସଙ୍ଗଠନର ବିଭିନ୍ନ ପଦରେ ରହି ବୀମା କର୍ମଚାରୀମାନଙ୍କର ସ୍ୱାର୍ଥକୁ ଆଗେଇ ନେଇଥିଲେ ।

୧୯୮୮ ମସିହା ଅଖିଳ ଭାରତ ବୀମା କର୍ମଚାରୀ ସଂଘର ଜୟପୁର ବାର୍ଷିକ ଅଧିବେଶନରେ ସଂଘର ପ୍ରଧାନ କାର୍ଯ୍ୟାଳୟ କଲିକତାରୁ ମାଡ୍ରାସକୁ (ବର୍ତ୍ତମାନ ଚେନ୍ନାଇ) ସ୍ଥାନାନ୍ତରିତ ହେବାର ନିଷ୍ପତ୍ତି ନିଆଗଲା, ସାଥୀ ଏନ୍.ଏମ୍. ସୁନ୍ଦରମ୍‌ଙ୍କୁ ସଙ୍ଗଠନର ସାଧାରଣ ସମ୍ପାଦକ ଏବଂ ସାଥୀ ଗୋବିନ୍ଦରାଜନ୍‌ଙ୍କୁ ଅଖିଳ ଭାରତ ବୀମା କର୍ମଚାରୀ ସଂଘ ମୁଖ୍ୟ କାର୍ଯ୍ୟାଳୟ (Head Quarter)ର ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ସେ ୨୦୦୩ ମସିହା ପର୍ଯ୍ୟନ୍ତ ଅଖିଳ ଭାରତ ବୀମା କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କଲାପରେ ରାୟପୁର ସମ୍ମିଳନୀରେ ଯୁବପିଢ଼ୀଙ୍କୁ ସୁଯୋଗ ଦେବା ପାଇଁ ସେ ତାଙ୍କ ପଦରୁ ଅବ୍ୟାହତ ନେଇଥିଲେ । AIIEA ର ପ୍ରଧାନ କାର୍ଯ୍ୟାଳୟ ହାଇଦ୍ରାବାଦକୁ ସ୍ଥାନାନ୍ତରିତ ହେଲାପରେ ଅଖିଳଭାରତୀୟ ବୀମା କର୍ମଚାରୀ ସଂଘର ମୁଖପତ୍ର ''ଇନ୍‌ସୁରାନ୍ସ ଓ୍ୱାର୍କର'ର ପ୍ରକାଶକ ଭାବେ ମଧ୍ୟ ଚେନ୍ନାଇରେ ସାଥୀ ଗୋବିନ୍ଦରାଜନ କାର୍ଯ୍ୟ କରିଥିଲେ । ସେ ସମ୍ପୂର୍ଣ୍ଣ ଭାବେ ଶ୍ରମିକ ଶ୍ରେଣୀର ଆଦର୍ଶ ପ୍ରତି ସମର୍ପିତ ଥିଲେ । କମ୍ପ୍ୟୁଟର ବିରୋଧୀ ସଂଗ୍ରାମରେ (Automation Struggle) ତାଙ୍କର ଯୋଗଦାନ ଥିଲା ଉଲ୍ଲେଖ ଯୋଗ୍ୟ । ସାଧାରଣ ଚଳଣି, ଦୃଢ଼ ପ୍ରତ୍ୟୟ ଓ ଅମାୟିକତା ପାଇଁ ସେ ସମସ୍ତଙ୍କ ପାଇଁ ଥିଲେ ପ୍ରେରଣାର ଉତ୍ସ । ସେ ଥିଲେ ଜଣେ ସୁବକ୍ତା ଏବଂ ଜାତୀୟ, ଆନ୍ତର୍ଜାତୀୟ ପରିସ୍ଥିତି ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ । ପୁଞ୍ଜିବାଦର ସଙ୍କଟ ବିଷୟରେ ସେ ଏକାଧିକ ବହି ମଧ୍ୟ ଲେଖିଛନ୍ତି ।

ନିଜକୁ କେବଳ ବୀମା କର୍ମଚାରୀମାନଙ୍କ ସଂଗ୍ରାମ ମଧ୍ୟରେ ସୀମାବଦ୍ଧ ନ ରଖି ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ସଂଗ୍ରାମ ସହିତ ଜଡ଼ିତ କରିଥିଲେ । ସେ ସି.ପି.ଆଇ.ଏମ୍ ତାମିଲ୍‌ନାଡୁର ରାଜ୍ୟ କମିଟିକୁ ନିମନ୍ତ୍ରିତ ସଦସ୍ୟ ଥିଲେ ଏବଂ ମାସିକ ପତ୍ରିକା ମାର୍କସିଷ୍ଟ (Markist) ପ୍ରକାଶକ ବୋର୍ଡ଼ର ସଭ୍ୟ ମଧ୍ୟ ଥିଲେ ।

ବର୍ତ୍ତମାନ ସାମ୍ପ୍ରଦାୟିକ ଶକ୍ତି ଅଧିକ କ୍ଷମତାଶାଳୀ ହୋଇଛି । ଜନବିରୋଧୀ ନବ୍ୟ ଉଦାରିକରଣ ନୀତି ତ୍ୱରାନ୍ୱିତ କରାଯାଉଛି । ତେଣୁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ବୀମା କର୍ମଚାରୀ ସଂଘ ଓ ଶ୍ରମିକ ଶ୍ରେଣୀ ଏକ ସଂଗ୍ରାମୀ ନେତାଙ୍କୁ ହରାଇଲା ଯାହାକି ଶ୍ରମିକ ଶ୍ରେଣୀ ପାଇଁ ଏକ ଅପୂରଣୀୟ କ୍ଷତି ।

ଏହି ଅବସରରେ ''ବୀମା କର୍ମଚାରୀ'' ଏହି ମହାନ ସାଥୀଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି ।

❖❖❖



# ନିର୍ବାଚନ ଫଳାଫଳ- କିଛି ସମୀକ୍ଷା, କିଛି ଆଶଙ୍କା

ଅଭୟ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ, CDIEA

କେଇମାସ ହେବ ପାଞ୍ଚଟି ରାଜ୍ୟ – ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର, ଗୋଆ ନିର୍ବାଚନକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ୧୧ ମାର୍ଚ୍ଚରେ ନିର୍ବାଚନର ଫଳ ପ୍ରକାଶ ପାଇବା ପରେ କ୍ରିକେଟ୍ ଖେଳ ଭଳି ନିର୍ବାଚନ ରେକର୍ଡକୁ ନେଇ ଚର୍ଚ୍ଚା । ଉତ୍ତରାଖଣ୍ଡ ଓ ଗୋଆ ମୁଖ୍ୟମନ୍ତ୍ରୀଙ୍କ ହାରିବା କଥା କେଉଁଠି ଚର୍ଚ୍ଚା ତ କେଉଁଠି ଇରମ୍ ଶର୍ମିଳା ସମୁଦାୟ ୯୦ ଖଣ୍ଡ ଭୋଟ୍ ପାଇଥିବାର ଚର୍ଚ୍ଚା । ଯଦିଓ ପାଞ୍ଚଟି ରାଜ୍ୟରେ ନିର୍ବାଚନ ରହିଥିଲା କିନ୍ତୁ ସମସ୍ତଙ୍କ ନଜର ଥିଲା ଉତ୍ତରପ୍ରଦେଶ ଉପରେ । କାରଣ ଉତ୍ତରପ୍ରଦେଶ ଜାତୀୟ ରାଜନୀତିକୁ ଅଧିକ ପ୍ରଭାବିତ କରେ । ଦ୍ୱିତୀୟତଃ ଗତ ସାଧାରଣ ନିର୍ବାଚନରେ ବିଜେପିକୁ ସରକାର ଗଠନ କରିବାରେ ଏକ ଚତୁର୍ଥାଂଶ ଶକ୍ତି ଉତ୍ତରପ୍ରଦେଶ ଦେଇଛି, ଏବେ ସେ ଗ୍ରହଣୀୟତା ଅଛି କି ନାହିଁ ତାକୁ ମଧ୍ୟ ଜାଣିବାର ଇଚ୍ଛା । ତୃତୀୟତଃ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଅଖିଳେଶ, ପିତାଙ୍କଠାରୁ ପୃଥକ ହୋଇ କଂଗ୍ରେସ ସହ ମେଣ୍ଟ କରି କି କମାଲ କରୁଛନ୍ତି ଦେଖିବା ।

ନିର୍ବାଚନ ଫଳରୁ ପ୍ରତ୍ୟେକ ରାଜ୍ୟରେ ପରିବର୍ତ୍ତନର ସ୍ୱର ସ୍ପଷ୍ଟ ହୋଇଛି । ଏକ୍‌ଜିଟ୍ ପୋଲ ଭୁଲ ପ୍ରମାଣିତ ହୋଇଛି ଓ ଉତ୍ତରପ୍ରଦେଶରେ ବିଜେପି ଅପ୍ରତ୍ୟାଶିତ ବହୁମତ ହାସଲ କରିଛି । ଆଞ୍ଚଳିକ ଦଳର ପ୍ରଭାବ ହ୍ରାସ ଘଟିଛି ଓ ଜାତୀୟ ଦଳଙ୍କ ପ୍ରଭାବ ଜାହିର ରହିଛି । ତିନୋଟି ରାଜ୍ୟରେ ଜନାଦେଶ ସ୍ପଷ୍ଟ ହୋଇଥିବା ବେଳେ ବାକି ଦୁଇଟି – ମଣିପୁର ଓ ଗୋଆ ରେ ବିଜେପି ନେତୃତ୍ୱରେ ମେଣ୍ଟ ସରକାର ହୋଇଛି । ୨୦୧୪ ସାଧାରଣ ନିର୍ବାଚନ ଠାରୁ ବିଜେପି ଏ ରାଜ୍ୟ ନିର୍ବାଚନରେ ଅଧିକ ଖୁସ୍ । ଏହା ୨୦୧୯ ନିର୍ବାଚନ ପୂର୍ବରୁ ବିଜେପି ପାଇଁ ପ୍ରାକ୍ ଟେଷ୍ଟ୍ ଭଳି । ତେଣୁ ମୋଦିଙ୍କ ସମ୍ମାନର ପ୍ରଶ୍ନ ଥିଲା ଉତ୍ତର ପ୍ରଦେଶ । ଉତ୍ତର ପ୍ରଦେଶ ନିର୍ବାଚନକୁ ନେଇ ବହୁ ସେଫୋଲୋଜିଷ୍ଟ ଭିନ୍ନ ଭିନ୍ନ ତର୍ଜମା କରୁଥିବା ବେଳେ ଅଧିକ କିଛି ଅନୁସନ୍ଧାନର ଆବଶ୍ୟକତା ରହିଛି । କୁହାଯାଉଛି ମୋଦି 'ମ୍ୟାନ୍ ଅଫ୍ ଦି ମ୍ୟାଚ'୍ ଓ ଅମିତ ଶାହା 'ରନର୍' । ୨୦୧୪ ନିର୍ବାଚନରୁ ଜାଣିଛେ ଜାତି, ସମ୍ପ୍ରଦାୟକୁ ନେଇ ସାମାଜିକ ଇଂଜିନିୟରିଂରେ ଅମିତ ଶାହା ସିଦ୍ଧ ହସ୍ତ । ଅମିତ ଶାହାଙ୍କୁ ମଞ୍ଚ ତିଆରି ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା । ବିହାର ନିର୍ବାଚନ ଶାହାଙ୍କ ପାଇଁ ଏକ ଶିକ୍ଷାର ମଞ୍ଚ ଥିଲା । ତେଣୁ କୌଣସି ଜାତିକୁ ଅସନ୍ତୁଷ୍ଟ ନ କରିବାକୁ ସମୀକରଣ କରିଥିଲେ । ଉତ୍ତରପ୍ରଦେଶର ଜାତିକୁ ଚାରୋଟି ଭାଗରେ ଭାଗ ଭାଗ କରାଯାଇପାରେ – ଉଚ୍ଚବର୍ଗ, ଯାଦବ, ଅଣଯାଦବ ଓବିସି, ଜାତବ-ଦଳିତ । ଉଚ୍ଚ ବର୍ଗର କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ଶାହା ରାଜ୍ୟ ମୁଖ୍ୟ ଭାବେ ନିଯୁକ୍ତି କରିଛନ୍ତି । ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କୁ ବହୁଜନ ସମାଜବାଦୀ ପାର୍ଟିରୁ ବିଜେପିକୁ ଆଣି ଗୋଟିଏ ଗୁଳିରେ ଦୁଇଟି ଶିକାର କରାଯାଇଛି । ମୁସଲମାନ୍ ଓ ଯାଦବ ସମାଜବାଦୀ ପାର୍ଟିର ସମର୍ଥକ ହୋଇଥିବା ବେଳେ ଜାତବ-ଦଳିତ ବହୁଜନ ସମାଜବାଦୀପାର୍ଟିର ସମର୍ଥକ । ଏ ସମୀକରଣକୁ ଟକ୍କର ଦେବାକୁ ଶାହା ୧୫୦ ଜଣ ଅଣଯାଦବ ଓବିସିଙ୍କୁ ଟିକେଟ୍ ଦେଇଥିଲେ । ଏନ୍.ଡି.ଏ ର ମେଣ୍ଟଦଳ - ଆପନା ଦଳ ଓ ସୁହେଲ୍‌ଦେବ୍ ଭାରତୀୟ ସମାଜପାର୍ଟି ପଟେଲ୍, କୁର୍ମୀ, ରାଜଭାର ଭଳି ଅଣଯାଦବ ଓବିସିଙ୍କୁ ଏକତ୍ରିକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି । ବହୁଜନ ସମାଜବାଦୀପାର୍ଟିର ବହୁ ଆଗଧାଡିର ନେତାଙ୍କୁ ବିଜେପି ତା ଖାଳେଇକୁ ଆଣିବାରେ ଶାହା ସକ୍ଷମ ହେଲେ । ଅନ୍ୟ ଦଳରୁ ଆସିଥିବା ପ୍ରାର୍ଥିଙ୍କୁ ଯଥେଷ୍ଟ ସନ୍ତୁଷ୍ଟ କରିବାପାଇଁ ୧୦୦ ଟିକେଟ୍ ଦିଆଯାଇଛି । ଏମାନେ ପୁରୁଣା ଦଳକୁ ଦୁର୍ବଳ କରିବା ସହିତ ବିଜେପିକୁ ଶକ୍ତିଶାଳୀ କଲେ । ଏଥର ଆନୁଗତ୍ୟ ବଦଳରେ ସାମର୍ଥ୍ୟକୁ ବିଚାରକୁ ନେଇ ଟିକେଟ୍ ଦିଆଯାଇଛି ।

ବିହାରରୁ ଶିକ୍ଷାନେଇ ପୋଷ୍ଟରରେ ମୋଦି, ଶାହାଙ୍କ ସହିତ ୟୁପିର ରାଜନାଥ ସିଂ, କେଶବ ପ୍ରସାଦ ମୌର୍ଯ୍ୟ, କାଲରାଜ ମିଶ୍ର ଓ ଉମାଭାରତୀଙ୍କୁ ସ୍ଥାନିତ କରାଗଲା । ଏହା ସହିତ ମୋଦିଙ୍କୁ ଏକକ ପ୍ରଚାରକ ପରିବର୍ତ୍ତେ ସ୍ଥାନୀୟ ନେତା ଓ ପ୍ରାର୍ଥୀଙ୍କୁ ପ୍ରଚାରରେ ସାମିଲ କରାଯାଇଛି । ଯେହେତୁ ସାତଟି ପର୍ଯ୍ୟାୟରେ ନିର୍ବାଚନ ହେଲା ପ୍ରତି ସ୍ଥାନରେ ଭିନ୍ନ ଭିନ୍ନ ଭାଷଣ ଓ ପ୍ରଚାର ତାରକାଙ୍କୁ ପଠାଗଲା । ପ୍ରତିପକ୍ଷର ରୋଡ୍ ଶୋ ଓ ରାଲିକୁ ସାର ହୀନ କରିବାକୁ ସମାନ୍ତରାଳ ରୋଡ୍ ଶୋ ଓ ରାଲି ବିଜେପି ଅନୁଷ୍ଠିତ କରିଛି । କ୍ଷେତ୍ର ପସ୍ତୁତ ପରେ ମୋଦିଙ୍କ ଏକାଧିକ ରୋଡ୍ ଶୋ, ରାଲି, ସମୟ ଓ ସ୍ଥାନ ଅନୁସାରେ ଭିନ୍ନ ଭିନ୍ନ ବକ୍ତବ୍ୟ ଅଧିକ ଫଳ ବିଜେପିକୁ ଦେଲା । ମୁସଲମାନ୍ ବହୁଳ ଅଞ୍ଚଳରେ 'ସବକାସାଥ୍ ଓ ସବକା ବିକାଶ୍'ର ସ୍ଲୋଗାନ୍ । ମୁସଲମାନ୍ ବହୁଳ ଅଞ୍ଚଳର ନିର୍ବାଚନ ଯେହେତୁ ପ୍ରଥମେ ଶେଷ ହୋଇଗଲା ହିନ୍ଦୁଭୋଟ୍ ଧୃବୀକରଣ ଲକ୍ଷ୍ୟରେ 'କବରସ୍ଥାନ' ଓ 'ଶ୍ମଶାନ' ମଧ୍ୟରେ ଲଢେଇର କଥା, ରାମଙ୍କ ୧୪ ବର୍ଷ ବନବାସ ପରେ ରାଜ୍ୟ ବାସୀଙ୍କ ଇଚ୍ଛା (ରାମ ମନ୍ଦିର) ପୂରଣ ହେବାର ସମୟ ଆସିଛି ବୋଲି ମୋଦି ମତବ୍ୟକ୍ତ କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ ୨୦୦୨ ପରଠାରୁ ଦୀର୍ଘ ୧୪ ବର୍ଷ ଯାଏ ବିଜେପି ରାଜ୍ୟ ଶାସନ ବାହାରେ ଅର୍ଥାତ୍ ବନବାସରେ । ଏହା ସହିତ ଶାହାଙ୍କ 'କସବ' ସହ ଲଢେଇ କଥା କହି ପ୍ରତି ଧୃବୀକରଣରେ ଘିଅ ଦେଇଥିଲେ । ମୋଦି ନିଜସ୍ୱ ନିର୍ବାଚନମଣ୍ଡଳୀରେ ସାଧାରଣ ନିର୍ବାଚନ ସମୟରେ ରହି ନଥିବାବେଳେ ଗତ ନିର୍ବାଚନରେ ବାରଣାସିରେ ରାତ୍ରୀଯାପନ ସହ ୩ ଦିନ ଖୋଲା ଜିପ୍‌ରେ ରୋଡ୍ ଶୋ ଓ ରାଲିରେ ଯୋଗଦେଇଥିଲେ । ପୂର୍ବରୁ ୧୦ ଟି ରାଲିରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିବାବେଳେ ମୋଦି ୩୪ଟି ସ୍ଥାନରେ ଉଦ୍‌ବୋଧନ ଦେଇଛନ୍ତି ।

ଏହା ସହିତ ପ୍ରତିପକ୍ଷ ଏସ୍.ପି-କଂଗ୍ରେସ ମେଣ୍ଟର ଦୁର୍ବଳତା ମଧ୍ୟ ବିଜେପିକୁ ସହାୟକ ହେଲା । କିଛି କିଛି ସ୍ଥାନରେ ଅସନ୍ତୁଷ୍ଟ କଂଗ୍ରେସ ସହ ଏସ୍.ପି ପ୍ରାର୍ଥୀଙ୍କ ଲଢେଇରୁ ବିଜେପି ଫାଇଦା ମାରିଦେଲା । ଯଦିଓ ଅଖିଳେଶ ଜାତୀୟ ରାଜପଥ ନିର୍ମାଣ, ଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ ଆଦି ଜନପ୍ରିୟ ସ୍କିମ୍ ଜରିଆରେ ଜନପ୍ରିୟତା ହାସଲ କରିଛନ୍ତି ନିଜ ପାରିବାରିକ କନ୍ଦଳ ତାକୁ ଧୋଇଦେଲା । କଂଗ୍ରେସର ଚିରାଚରିତ ସମର୍ଥକ ମୁସଲମାନ୍ ଓ ଉଚ୍ଚବର୍ଗର ଭୋଟରଙ୍କୁ ରାହୁଲ ଆପଣେଇ ପାରିଲେ ନାହିଁ । ଏଣୁ କୁହାଯାଉଛି ଅଖିଳେଶ ଓ ରାହୁଲ ଯଥାକ୍ରମେ ନୀତିଶ୍ ଓ ଲାଲୁ ନୁହେଁ । ଏହା ବାଦ୍ ପ୍ରିୟଙ୍କା ଗାନ୍ଧୀ ତାରକା ପ୍ରଚାରକଭାବେ ଯେଉଁ ଆଶା କରାଯାଉଥିଲା ସେ ମାତ୍ର କେତୋଟି ହାତ ଗଣତି ରାଲିରେ ତାଙ୍କର ଯୋଗଦାନକୁ ସିମୀତ ରଖିଥିଲେ । ମୋଟାମୋଟି କହିଲେ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳ ଶାସନ କଲେ ବିକାଶ ସହଜ ଓ ଅଧିକ ହେବ ବୋଲି ମୋଦି ଯେଉଁ ସ୍ୱପ୍ନ ଦେଖାଇଲେ ଭୋଟରମାନେ ତାକୁ ନିଃସନ୍ଦେହରେ ଗ୍ରହଣ କରିଥିବାରୁ ବିଜେପିକୁ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ତିନି ଚତୁର୍ଥାଂଶ ସମର୍ଥନ ମିଳିପାରିଛି ।

ବିଜୟୀ ଦଳ ବିଜୟକୁ ନେଇ ଉଲ୍ଲସିତ ହେଉଥିବାବେଳେ ନିର୍ବାଚନ ଫଳାଫଳକୁ ନେଇ ବିଶେଷଜ୍ଞଙ୍କ ମତାମତ ଜନସାଧାରଣଙ୍କ ମନରେ ଶଙ୍କା ଆଣୁଛି । କାରଣ ନିର୍ବାଚନ ଗଣତି ଶେଷ ପୂର୍ବରୁ ଫଳର ଧାରାକୁ ଦେଖି ବିଜେପି ନେତା ସୁବ୍ରମଣ୍ୟମ୍ ସ୍ୱାମୀ ବାରମ୍ବାର ଦୋହରାଉଛନ୍ତି ଯେ ରାମ ମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଗଲା । ଏଥିରୁ ସୂଚନା ମିଳୁଛି ସତେ ଯେମିତି ରାମ ମନ୍ଦିର ନିର୍ମାଣ ପାଇଁ ବିଜେପି ଫଳାଫଳକୁ ଅପେକ୍ଷା କରିଥିଲା । ସରକାର ଏ ଦିଗରେ ଯତ୍ନବାନ୍ ନ ହେଲେ ଆଗାମୀ ଦିନରେ ସାମ୍ପ୍ରଦାୟିକ ସଦ୍ଭାବନା କ୍ଷୁର୍ଣ୍ଣ ପରିସ୍ଥିତିକୁ ଏଡେଇ ଦିଆଯାଇ ନପାରେ ।

ଆର୍ଥିକ ଦିଗ କଥା ବିଚାର କଲେ ଦେଖାଯାଉଛି ଏ ନିର୍ବାଚନରେ ସବୁଠୁଁ ଅଧିକ ଖୁସ୍ ଅଛନ୍ତି କର୍ପୋରେଟ୍ ଜଗତ । ଫଳ ପ୍ରକାଶ ପରେ ଶିଳ୍ପପତିଙ୍କ ସଂଗଠନ 'ଆସୋସିଏଟେଡ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି' ର ସଭାପତି ସନ୍ଦୀପ୍ ଜାଜୋଡିଆ ବଧାଇ ଜଣାଇବା ଅବସରରେ କହିଛନ୍ତି କେନ୍ଦ୍ରରେ ଶାସିତ ଏନ୍.ଡି.ଏ ସରକାର ସହ ରାଜ୍ୟର ସଂପର୍କ ଉତ୍ତମ ହେବା ଆବଶ୍ୟକ । ଏହାର ଅର୍ଥ ପୁଞ୍ଜିପତିମାନେ କେନ୍ଦ୍ର ସରକାରଙ୍କ ସହ ଉତ୍ତମ ସମ୍ପର୍କ ରଖିଲେ ରାଜ୍ୟ ଗୁଡିକରେ ବ୍ୟବସାୟ କରିବା ସହଜ ହେବ । ସେହିପରି ଶିଳ୍ପପତିଙ୍କ ଆଉ ଏକ ସଂଗଠନ 'କନ୍‌ଫେଡେରେସନ୍ ଅଫ୍ ଇଣ୍ଡିୟାନ୍ ଇଣ୍ଡଷ୍ଟ୍ରି' ର ସଭାପତି ନଉସାଦ୍ ଫୋବର୍ସ ବିଜୟୀ ଦଳକୁ ଉଚ୍ଛସିତ ସମ୍ବର୍ଦ୍ଧନା ଜଣାଇବା ସହିତ ଅଧିକରୁ ଅଧିକ ସଂସ୍କାର ଚାଲୁ ରହିବ ବୋଲି ଦୃଢ ଆଶା ପୋଷଣକରିଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜିର ଅନୁପ୍ରବେଶ ପ୍ରତ୍ୟାହାର, କୃଷିରେ ଭବିଷ୍ୟ ତଥା ଆଗୁଆ ବେପାର ରୋକିବାକୁ ସାଧାରଣ ନିର୍ବାଚନବେଳେ ମୋଦି ଯେଉଁ ପ୍ରତିଶୃତି ଦେଇଥିଲେ ପୁଞ୍ଜିପତିଙ୍କ ଚାପରେ ସେଥିରେ ହାତ ମାରିବାକୁ ସାହସ କରୁନାହାଁନ୍ତି । ମୋଦି କ୍ଷମତାକୁ ଆସିବାପରେ ବୀମାରେ ବିଦେଶୀ ପୁଞ୍ଜିର ସୀମା ବୃଦ୍ଧି ସହ ବୀମା ବିଧେୟକ (ପରିବର୍ତ୍ତନ) ବିଲ, ଜି.ଏସ.ଟି ବିଲ ପାରିତ ହୋଇସାରିଛି । ରାଷ୍ଟ୍ରାୟତ ଷ୍ଟିଲ୍ କମ୍ପାନୀ, ରାଷ୍ଟ୍ରାୟତ ସାଧାରଣ ବୀମାରୁ ୨୫% ପୁଞ୍ଜି ପ୍ରତ୍ୟାହାର, ରାଷ୍ଟ୍ରାୟତ ବ୍ୟାଙ୍କ୍ ମିଶ୍ରଣ ପାଇଁ ମୋଦିଙ୍କ କ୍ୟାବିନେଟ୍ ବିଧିବଦ୍ଧ ନିଷ୍ପତ୍ତି ନେଇସାରିଛି । ଜମି ଅଧିଗ୍ରହଣ ବିଲ୍ ଓ ଶ୍ରମ ଆଇନ୍ ସଂଶୋଧନ ପାଇଁ ଚାପ ଜୋରଦାର ହେଉଥିଲେହେଁ ରାଜ୍ୟସଭାର ଗଣିତ ସରକାରଙ୍କୁ ସହଯୋଗ କରିପାରୁନାହିଁ । ଏହାର କାରଣ ବିଜେପିର ରାଜ୍ୟସଭାରେ ଶକ୍ତି ମାତ୍ର ୭୫ । ରାଜ୍ୟସଭାକୁ ବେଖାତିର୍ କରି ଆଧାର ବିଲକୁ ଯେଉଁଭଳି ମନିବିଲର ମାନ୍ୟତା ଦେଇ ମୋଦି ସରକାର ପାଶ୍ କରାଇନେଲେ ତାକୁ ବିଶେଷଜ୍ଞମାନେ ନାପସନ୍ଦ କରୁଛନ୍ତି ଓ ମାମଲା ଏବେ ସୁପ୍ରିମ୍‌କୋର୍ଟରେ । ତେଣୁ ଜମି ଅଧିଗ୍ରହଣ ବିଲ୍ ଓ ଶ୍ରମ ଆଇନ୍ ସଂଶୋଧନ କ୍ଷେତ୍ରରେ ରାଜ୍ୟସଭା ବାଧକ ସାଜୁଛି । ଏହି ରାଜ୍ୟ ନିର୍ବାଚନ ଫଳାଫଳରୁ ଆଶଙ୍କା ସୃଷ୍ଟି ହେଉଛି ଯେ ଅପ୍ରେଲ ୨୦୧୮ରେ ରାଜ୍ୟସଭାର ଖାଲି ହେଉଥିବା ୫୮ଟି ଆସନ ପୂରଣ ହେଲେ ବିଜେପିକୁ ସଂଖ୍ୟାଗରିଷ୍ଠତା ମିଳିଯିବ । ଏହି ୫୮ ଆସନ ମଧ୍ୟରେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ରାଜ୍ୟ ଅନ୍ତର୍ଭୁକ୍ତ । ଆଉ ଏକ ଆଶଙ୍କା ରହୁଛି ଯେ ବିଜେପି ଯେହେତୁ ଏବେ ଲୋକସଭାରେ ସଂଖ୍ୟା ଗରିଷ୍ଠ ଓ ୧୨ଟି ରାଜ୍ୟରେ କ୍ଷମତାରେ, ଆଗାମୀ ମଇ ମାସରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଗୈରୀକରଣର ସମ୍ଭାବନାକୁ ଏଡେଇ ଦିଆଯାଇନପାରେ । ଲୋକସଭା, ରାଜ୍ୟସଭା, ରାଷ୍ଟ୍ରପତି ନିୟନ୍ତ୍ରଣରେ ରହିଲେ ଶାସକ ଦଳ ତରଫରୁ ଅନେକ ଥର ଚର୍ଚ୍ଚାକୁ ଆସିଥିବା ସମ୍ବିଧାନର 'ଧର୍ମନିରପେକ୍ଷତା' ଚରିତ୍ର ଉପରେ ବିପଦ ଆସିପାରେ । ଆଜି ମୁଦ୍ରାସ୍ଫିତି, ବେରୋଜଗାରୀ, ଦୁର୍ନୀତିର ଭଉଁରୀରୁ ମୁକୁଳିବାପାଇଁ ଜନସାଧାରଣ ମୋଦି ସାରକାରକୁ ଯେଉଁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପ୍ରଦାନକରିଛନ୍ତି, ସରକାର ଯଦି ସମସ୍ତ ଶକ୍ତିକୁ ସେ ଦିଗରେ ବିନିଯୋଗ କରନ୍ତେ ତେବେ ମୋଦି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରନ୍ତେ ଓ ଜନସାଧାରଣଙ୍କ ମନରୁ ଆଶଙ୍କା ଦୁରୀଭୁତ ହୋଇପାରନ୍ତା । ❖❖❖

(ସାଥୀ ଦାସଙ୍କର ନିକଟରେ ମାର୍ଚ୍ଚ ୨୧ ତାରିଖ ସମାଜରେ ଏକ ଲେଖା ପ୍ରକାଶ ପାଇଛି । ଏହା ପୂର୍ବରୁ ୨ଟି ଲେଖା ମଧ୍ୟ ପ୍ରକାଶ ପାଇଥିଲା ତାଙ୍କର ଏହି କୃତିତ୍ୱ ପାଇଁ ବୀମା କର୍ମଚାରୀ ତରଫରୁ ଅଭିନନ୍ଦନ– ସମ୍ପାଦକ)

---

ସୁଆଦିଆ ଥିଲା । ଏବେ ସମସ୍ତଙ୍କ ପାଟି ଆମ୍ବିଳା ହୋଇଗଲାଣି ।

ଗତ ଶତାବ୍ଦୀର ସତୁରୀ ଓ ଅଶି ଦଶକରେ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ୍ ସାମ୍ରାଜ୍ୟବାଦୀ ଗ୍ଲୋବାଲାଇଜେସନ୍‌ର ଫିତା କାଟିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଥିଲେ ରୋନାଲ୍ଡ ରେଗାନ (ରିପବ୍ଲିକାନ୍ ଦଳର) । ତାଙ୍କ ନୀତିକୁ ରେଗାନୋମିକସ ବୋଲି କୁହାଗଲା । ସେତେବେଳେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଥିଲେ ମାର୍ଗାରେଟ ଥାଚର । ତାଙ୍କ ଅର୍ଥନୀତିକୁ କୁହାଗଲା ଥାଚରିଜମ୍ । ରେଗାନୋମିକ୍ସ ଏବଂ ଥାଚରିଜମ୍ ଆଉ କିଛି ନୁହେଁ – ତାରି ଅନ୍ୟ ନାମ ହେଉଛି ଏଲ୍.ପି.ଜି. ବା ଲିବରାଲାଇଜେସନ୍, ପ୍ରାଇଭେଟାଇଜେସନ୍ ଏବଂ ଗ୍ଲୋବାଲାଇଜେସନ୍ । ସେହି ଦୁଇଟି ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ରାଷ୍ଟ୍ରରେ ଅର୍ଥନୀତିର ଚକ ପଛକୁ ଘୁରିବା ଆରମ୍ଭ କରିଛି । ଗ୍ଲୋବାଲାଇଜେସନ୍ ବଦଳରେ ପ୍ରୋଟେକସନିଜମ ଏବଂ ବ୍ରେକଜିଟ୍ । ବ୍ରିଟେନର ୟୁରୋପିଆନ ୟୁନିଅନ୍ ଛାଡ଼ିବା ହେଉଛି ପ୍ରୋଟେକସନିଜମ୍ ଆଣ୍ଟି ଗ୍ଲୋବାଲାଇଜେସନ୍ । ଟ୍ରମ୍ପଙ୍କର (HIB) ଭିସା ନୀତିକୁ କଠୋର କରିବା ବି ହେଉଛି ଜଗତିକରଣ ବିରୋଧୀ । ଯୁକ୍ତରାଷ୍ଟ୍ର ଆମେରିକାର ନିର୍ବାଚନ ପଦ୍ଧତିର ଦୁର୍ବଳତାର ସୁଯୋଗ ନେଇ ଡ଼ୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହୋଇଛନ୍ତି । ଡ଼େମୋକ୍ରାଟିକ୍ ପାର୍ଟି ପ୍ରତିଦ୍ୱନ୍ଦ୍ୱୀ ହିଲାରୀ କ୍ଲିଣ୍ଟନଙ୍କ ସପକ୍ଷରେ ଅଧିକ ଭୋଟ ପଡ଼ିଥିଲେ ମଧ୍ୟ ଇଲେକ୍‌ଟ୍ରୋଲ୍ କଲେଜରେ ସଂଖ୍ୟା ଗରିଷ୍ଠତା ପାଇ ଡ଼ୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହୋଇଛନ୍ତି । ଭାରତରେ ଯେପରି ସଂଖ୍ୟା ନ୍ୟୁନ ଭୋଟ ପାଇ ଲୋକସଭା ବା ରାଜ୍ୟସଭା ବିଧାନ ସଭାରେ ଅଧିକ ଆସନ ଜିଣି ସରକାର ଗଢ଼ିବା ସମ୍ଭବ ହେଉଛି – ଯୁକ୍ତରାଷ୍ଟ୍ର ଆମେରିକାରେ ତାହାହିଁ ଘଟିଛି । ଡ଼ୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ''ଆମେରିକା ଫାଷ୍ଟ'' ବୋଲି ତାଙ୍କ ଭାଷଣରେ କହିଛନ୍ତି । କେଉଁ ଆମେରିକା କଥା ସେ କହିଛନ୍ତି ? ''ଅକୁପାଏ ୱାରଲ୍ଡ ଷ୍ଟ୍ରିଟ'' ଆନ୍ଦୋଳନର ସ୍ଲୋଗାନ୍ ଥିଲା ''ଅନେଶୋତ ବନାମ ଏକ ପ୍ରତିଶତ'' । ଆମେରିକାରେ ଆର୍ଥିକ ବୈଷମ୍ୟ ଅତି ଉତ୍କଟ ।

୫ ପୃଷ୍ଠାର ଅବଶିଷ୍ଟାଂଶ

ସେ କେଉଁ ଆମେରିକା କଥା କହିଛନ୍ତି ? ଏକ ପ୍ରତିଶତ ଆମେରିକା ନାଁ ଅନେଶୋତ ପ୍ରତିଶତ ଆମେରିକା । ଓବାମାଙ୍କ ସ୍ୱାସ୍ଥ୍ୟବୀମା ଯୋଜନାରେ ଛୁରୀମାରିଲେ ଆମେରିକାର ୧୮ ମିଲିୟନ୍ ଅର୍ଥାତ୍ ଏକ କୋଟି ଅଶି ଲକ୍ଷ ଆମେରିକା ବାସୀ ସେହି ସ୍ୱାସ୍ଥ୍ୟବୀମା ସୁବିଧାରୁ ବଞ୍ଚିତ ହେବେ । ଏହା କ'ଣ ଆମେରିକା ଜନସାଧାରଣଙ୍କ ସ୍ୱାର୍ଥ ସପକ୍ଷବାଦୀ ନୀତି । ଯୁକ୍ତରାଷ୍ଟ୍ର ଆମେରିକାର କରପୋରେଟ୍ ହସପିଟାଲ୍ (ଘରୋଇ ଡାକ୍ତର ଚିକିତ୍ସା ବ୍ୟବସ୍ଥା)ଙ୍କ ସପକ୍ଷରେ ଏହି ନୀତି ଟ୍ରମ୍ପ ଗ୍ରହଣ କରିଛନ୍ତି ।

ସାତଟି ମୁସଲମାନ ବହୁଳ ରାଷ୍ଟ୍ରର ଲୋକେ ଆମେରିକା ଯାଇ ପାରିବେ ନାହିଁ ବୋଲି ସେ ଘୋଷଣା କରିଛନ୍ତି । ଏହା ତାଙ୍କର ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ ବୋଲି ଭାବିବା ଭୁଲ ହେବ । ସନ୍ତ୍ରାସବାଦର ସୃଷ୍ଟି ହୋଇଛି ଆମେରିକାର ଆଫଗାନିସ୍ତାନ ନୀତି ଯାହା ଓସମାବିନ୍ ଲାଡ଼େନ୍ ଓ ତାଲିବାନ ସୃଷ୍ଟି କରିଥିଲା । ଜର୍ଜ ବୁଶଙ୍କର ଇରାକ୍ ଉପରେ ଆକ୍ରମଣ ପରେ ଆଇ ଏସ୍ ପରି ଦୁର୍ଦ୍ଦାନ୍ତ ସନ୍ତ୍ରାସବାଦୀ ସୃଷ୍ଟି ହୋଇଛି । ସମଗ୍ର ବିଶ୍ୱ ଯଦି ଆଜି ସନ୍ତ୍ରାସବାଦ ପାଇଁ ଥରହର ହେଉଥାଏ ସେଥିପାଇଁ ଆମେରିକା ସାମ୍ରାଜ୍ୟବାଦୀ ହିଁ ଦାୟୀ । ଆଜି ଡ଼ୋନାଲ୍ଡ ଟ୍ରମ୍ପଙ୍କ ଉପରୋକ୍ତ ଘୋଷଣା ଆଇ.ଏସ୍.କୁ ପ୍ରଚାର ପାଇଁ ଆୟୁଧ ଯୋଗାଇ ଦେଇଛି ।

୨୦୦୮ରେ ପୁଞ୍ଜିବାଦୀ ବ୍ୟବସ୍ଥା ଯେଉଁ ଆର୍ଥିକ ଧକ୍କା ପାଇଥିଲା ଏ ପର୍ଯ୍ୟନ୍ତ ସେହି ପରାସ ହଟି ନାହିଁ । ବିଶ୍ୱ ଅଭିବୃଦ୍ଧିର ହାର ହ୍ରାସ ପାଇ ଥିଲା ବେଳେ ଆର୍ଥିକ ବୈଷମ୍ୟ ଉତ୍କଟରୁ ଉତ୍କଟତର ହେବାରେ ଲାଗିଛି । ଡ଼ୋନାଲ୍ଡ ଟ୍ରମ୍ପ ପୁଞ୍ଜିବାଦୀ ବ୍ୟବସ୍ଥାର ସଂକଟକୁ ମୋଚନ କରି ପାରିବେ ନାହିଁ । ସେହି ସଂକଟକୁ ଆଉରି ଗଭୀର କରିବ । ଗତ ଶତାବ୍ଦୀର ତିରିଶ ଦଶକରେ ଯେପରି ଜର୍ମାନୀକୁ ବୁଡ଼ାଇଥିଲା – ଟ୍ରମ୍ପ ସେପରି ଆଜି ଆମେରିକାକୁ ବୁଡ଼ାଇବେ। ଉଭୟ ହେଉଛନ୍ତି ପୁଞ୍ଜିବାଦରୁ ସୃଷ୍ଟି । ❖❖❖



# ଟ୍ରମ୍ପ : ବିଶ୍ୱପାଇଁ ଅଶୁଭ ସଂକେତ

**ଗଜେନ୍ଦ୍ରନାଥ ମହାନ୍ତି,** ଉପସଭାପତି
ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍

ଜାନୁଆରୀ ୨୦, (୨୦୧୭) ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ୪୫ତମ ରାଷ୍ଟ୍ରପତି ଭାବେ ଡ଼ୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ପ୍ରବେଶ କରିଛନ୍ତି । ଘରେ ନ ପଶୁଣୁ ମୁଣ୍ଡ ବାଜିଲାଣି । ନିର୍ବାଚନ ପ୍ରଚାର ସମୟରେ ସେ ଯେପରି ଦାୟିତ୍ୱହୀନ କଥାମାନ କହୁଥିଲେ କ୍ଷମତାରୋହଣ ପରେ ସେପରି ବ୍ୟବହାର କରିବେ ନାହିଁ ବୋଲି ଯେଉଁମାନେ ଭାବୁଥିଲେ ସେମାନେ ଏବେ ନିରାଶ ହୋଇଛନ୍ତି । ହ୍ୱାଇଟ୍ ହାଉସ୍‌ରେ ପଶୁ ପଶୁ ସେ ପୂର୍ବତନ ରାଷ୍ଟ୍ରପତି  ବାରାକ ଓବାମାଙ୍କର ସବୁଠାରୁ ଲୋକପ୍ରିୟ ପଦକ୍ଷେପ ଓବାମା କେଆର (ଚିକିତ୍ସା ପାଇଁ ସୁବିଧା)ର ପକ୍ଷ ଛେଦନ କରିଛନ୍ତି ତା ସହିତ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି ଯଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ଆନ୍ତର୍ଜାତିକ ଭାବମୂର୍ତ୍ତିରେ କାଳିମା ଲାଗିଛି । ମହିଳାମାନଙ୍କ ପ୍ରତି ତାଙ୍କର କୁତ୍ସିତ ଦୃଷ୍ଟିଭଙ୍ଗୀ ଓ ଆଚରଣ ଯୋଗୁଁ ଟ୍ରମ୍ପଙ୍କ ଶପଥ ଦିନ କେବଳ ଆମେରିକା ନୁହେଁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲକ୍ଷ ଲକ୍ଷ ସଂଖ୍ୟାରେ ମହିଳାମାନଙ୍କର ବିକ୍ଷୋଭ ପ୍ରଦର୍ଶନ କରିଥିବାର ସଂବାଦ ପ୍ରକାଶ ପାଇଛି । ଏପରି ବିବାଦୀୟ ବ୍ୟକ୍ତି ବିଶ୍ୱର ସବୁଠାରୁ ଅଧିକ ଶକ୍ତିଶାଳୀ (ଆର୍ଥିକ ଓ ସାମରିକ) ଦେଶର ଶୀର୍ଷ ପଦବୀରେ ରହିବା ସମଗ୍ର ବିଶ୍ୱପାଇଁ ଏକ ଅଶୁଭ ସଂକେତ ।

ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ମେକ୍ସିକୋ ଏବଂ ଉତ୍ତରରେ କାନାଡ଼ା । ଏହି ଦୁଇଟି ପଡ଼ୋଶୀ ରାଷ୍ଟ୍ରଙ୍କ ସହିତ ସେ ଝଗଡ଼ା ଆରମ୍ଭ କରିଦେଇଛନ୍ତି । ମେକ୍ସିକୋ ଓ ଯୁକ୍ତରାଷ୍ଟ୍ର ଆମେରିକା ସୀମାରେ ଏକ ପ୍ରାଚୀର ନିର୍ମାଣ କରିବା କଥା ସେ ନିର୍ବାଚନ ପ୍ରଚାର ବେଳେ ଘୋଷଣା କରିଥିଲେ । ରାଷ୍ଟ୍ରପତି ହେବା ପରେ ପରେ ସେ ସେହି ପ୍ରାଚୀର ତିଆରି କରିବା ନିଷ୍ପତ୍ତି ଘୋଷଣା କଲେ । କେବଳ ସେତିକି ନୁହେଁ ମେକ୍ସିକୋକୁ କହିଲେ ପାଚେରୀ ତିଆରି ଖର୍ଚ୍ଚ ବହନ କରିବାକୁ । ମେକ୍ସିକୋ ରୋକ୍‌ଠୋକ୍ ମନା କରି କହିଲା ଯେ ସେଥିପାଇଁ ଛଦାମ ଟିଏବି ସେମାନେ ଦେବେ ନାହିଁ । ଟ୍ରମ୍ପଙ୍କର ଔଦ୍ଧତ୍ୟ ଏତେ ଯେ ସେ ମେକ୍ସିକୋ ରାଷ୍ଟ୍ରପତିଙ୍କର ଯୁକ୍ତରାଷ୍ଟ୍ର ଆମେରିକାକୁ ପ୍ରସ୍ତାବିତ ଗସ୍ତକୁ କେବଳ ବାତିଲ କରିବାକୁ କହିଲେ ନାହିଁ – ଧମକ ଦେଲେ ଯେ ମେକ୍ସିକୋରୁ ଆମଦାନୀ ସାମଗ୍ରୀ ଉପରେ ୨୦ ପ୍ରତିଶତ ପ୍ରବେଶ କର ବସାଇ ସେହି ଅର୍ଥରେ ସେ ସୀମାରେ ପାଚେରୀ ତିଆରି କରିବେ । ସ୍ମରଣଥିବ ଯେ ଏହି ଯୁକ୍ତରାଷ୍ଟ୍ର ଆମେରିକାର ସେ ଦିନର ରାଷ୍ଟ୍ରପତି ଏବଂ ତାଙ୍କର ପୁଞ୍ଜିବାଦୀ ଦୁନିଆର ରାଷ୍ଟ୍ରମୁଖ୍ୟମାନେ ବର୍ଲିନ ପ୍ରାଚୀର ଭଙ୍ଗାକୁ ସେତେବେଳେ କିପରି ଆନନ୍ଦରେ ଉପଭୋଗ କରୁଥିଲେ ଏବଂ ପୁଞ୍ଜିବାଦୀ ଦୁନିଆାରେ ସମସ୍ତ ଗଣମାଧ୍ୟମ ସେତେବେଳେ ଉଚ୍ଛ୍ୱସିତ ଆନନ୍ଦରେ ସେହି ବର୍ଲିନ ପ୍ରାଚୀର ଭଙ୍ଗା ଦୃଶ୍ୟକୁ ପ୍ରଚାର କରିଥିଲ । ଆଜି ସେହି ପୁଞ୍ଜିବାଦୀ ଦୁନିଆର ପାଚେରୀ କରିବା ପାଇଁ ହୁଁକାର ଛାଡ଼ିଛନ୍ତି । ବିଡ଼ମ୍ବନା କେବଳ ମେକ୍ସିକୋ ସହତ ଝଗଡ଼ା ନୁହେଁ – ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାର ଉତ୍ତରରେ ଥିବା ପଡ଼ୋଶୀ କାନାଡ଼ାର ରାଷ୍ଟ୍ରମୁଖ୍ୟଙ୍କୁ ଫୋନ କରି "ନର୍ଥ ଆମେରିକା ଫ୍ରେଣ୍ଡସିପ୍ ଟ୍ରିଟି ଆଗ୍ରିମେଣ୍ଟ" (NAFTA) କୁ ବଦଳାଇ ଅଧିକ ଆମେରିକା ସପକ୍ଷବାଦୀ କରିବାକୁ ଧମକ ଦେଇଛନ୍ତି । ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ହୋଇଥିବା ଟ୍ରାନ୍ସ ପାସିଫିକ୍ ଚୁକ୍ତିକୁ ବି ବାତିଲ୍ କରିଦେଇଛନ୍ତି । ମୁସଲମାନ ଧର୍ମାବଲମ୍ବୀ ବହୁଳ ସାତଟି ରାଷ୍ଟ୍ର–ଲିବୟା, ସିରିଆ, ଇରାକ୍, ଇରାନ୍, ସୁଦାନ, ୟେମେନ ଏବଂ ସୋମାଲିଆରୁ ଶରଣାର୍ଥୀ ଓ ପରିଦର୍ଶକଙ୍କ ପାଇଁ ଆମେରିକାରେ ପ୍ରବେଶ ନାହିଁ ବୋଲି ଏକ ହୁକୁମତ ଜାରି କରିଛନ୍ତି ଡୋନାଲ୍ ଟ୍ରମ୍ପ ।

ଏହି ମୁସଲମାନ ବହୁଳ ରାଷ୍ଟ୍ରଙ୍କ ତାଲିକାରେ ପାକିସ୍ଥାନର ନାଁ ବି ଯୋଡ଼ା ଯାଇପାରେ । ଏହି ଉଡ଼ା ଖବରରେ ଆମ ଦେଶର ଗେରୁଆ ମହଲରେ ଯେଉଁ ଆନନ୍ଦ ସୃଷ୍ଟି ହୋଇଥିଲା ଟ୍ରମ୍ପଙ୍କ ପରବର୍ତ୍ତୀ ପଦକ୍ଷେପ ଏଠାରେ କୋକୁଆ ଭୟ ସୃଷ୍ଟି କରିଛି । ନିର୍ବାଚନ ପ୍ରଚାର ବେଳେ ଟ୍ରମ୍ପ କହୁଥିଲେ କ୍ଷମତାସୀନ ହେବା ପରେ ବିଦେଶାଗତଙ୍କୁ ତଡ଼ିବେ । କ୍ଷମତାସୀନ ହେବାର କେଇ ମିନିଟ୍ ଭିତରେ ସେ ଘୋଷଣା କଲେ "ବାଏ ଆମେରିକା ଏଣ୍ଡ ହାଏର ଆମେରିକା" । ଆମେରିକାରେ ଜିନିଷ କର ଏବଂ ଆମେରିକା ଯୁବ ସମ୍ପ୍ରଦାୟଙ୍କୁ ଚାକିରୀ ଦିଅ । ସେଥିପାଇଁ ସେ ଆମେରିକାର ଭିସା ବ୍ୟବସ୍ଥାରେ ଏକ ସାଂଘାତିକ ପରିବର୍ତ୍ତନ କରିବାକୁ ବସିଛନ୍ତି । ଆମ ଦେଶରୁ ଆଇଟି ସେକ୍ଟର ଏହା ଦ୍ୱାରା ଗୁରୁତର କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଯେଉଁ (HIB) (ଏଚ୍‌ୱାନବି) ଭିସାରେ ଆମ ଦେଶର ଆଇଟି କମ୍ପାନୀମାନେ ଏ ଦେଶର ଯୁବ ଆଇଟି ବିଶାରଦ ମାନଙ୍କୁ ଆମେରିକା ପଠାଇ କାମ ଉଠାଉଛନ୍ତି ତାହା ପାଇବା ପାଇଁ ଏହି ନୂଆ ନିୟମ ଅନୁସାରେ ଏକଲକ୍ଷ ତିରିଶ ହଜାର ଡଲାରର ୯ ବର୍ଷକୁ ଦରମା ଦେବାକୁ ପଡ଼ିବ । ଆମ ଦେଶରେ ଆଇ.ଟି. କମ୍ପାନୀମାନେ କେହି ସେତେ ଦରମା ଦେଇ ନ ଥାଆନ୍ତି । ସେପରି ଦରମା ଦେଇ ଭାରତରୁ ପିଲାଙ୍କୁ କାହିଁକି ନେବେ ? ସେହି ଦରମା ଦେଲେ ଆମେରିକାର ପିଲା ମିଳିବାରେ କି କିଛି ଅସୁବିଧା ହୁଅନ୍ତା ନାହିଁ ସମ୍ପୃକ୍ତ କମ୍ପାନୀମାନଙ୍କର । ପ୍ରଥମ କଥା ହେଲା ସେପରି ଦରମା ଦେଲେ ଆମର ଆଇଟି କମ୍ପାନୀମାନେ ବୁଡ଼ିଯିବେ । ଦ୍ୱିତୀୟତଃ ଆମେରିକା ସେପରି ଯୋଗ୍ୟତା ସମ୍ପନ୍ନ ପିଲା ବି ଯୋଗାଇ ପାରିବ ନାହିଁ ।

ପୁଞ୍ଜିବାଦୀ ବ୍ୟବସ୍ଥା ନିଜ ଦେଶର ଅର୍ଥନୀତିକୁ ରକ୍ଷା କରିବା ପାଇଁ ପ୍ରୋଟେକସନିଜମ (ଆତ୍ମରକ୍ଷା ମୂଳକ) ନୀତି ଗ୍ରହଣ କରିଥାଏ । ନିଜ ଦେଶର ଉତ୍ପାଦିତ ସାମଗ୍ରୀ ପାଇଁ ନିଜ ଦେଶର ବଜାରକୁ ସୁରକ୍ଷିତ କରିବାକୁ ଆମଦାନୀ ଶୁଳ୍କଛାଡ଼ କରି ଥାଆନ୍ତି । ଟ୍ରମ୍ପ ଏବେ ଆମ ଦେଶରୁ ସେ ଦେଶର ନିଯୁକ୍ତି ବଜାରକୁ ଯାଉଥିବା ଯୁବ ଆଇ.ଟି. ବିଶାରଦଙ୍କ ଉପରେ ଆମଦାନୀ ଶୁଳ୍କ ବଢ଼ାଇବା କଥା ଉଠାଇଛନ୍ତି । ଏଚ୍.ୱାନ୍.ବି. ଭିସା ପାଇବା ରେଟ୍ ବଢ଼ାଇବା ହେଉଛି ସେହିପରି ଏକ ଆମଦାନୀ ଶୁଳ୍କ ବଢ଼ାଇବା ଭଳି ବ୍ୟବସ୍ଥା । ଆମେରିକାରେ ଆମ ଦେଶର ଆଇ.ଟି. କମ୍ପାନୀମାନେ ସେ ଦେଶର ଯୁବ ବିଶାରଦମାନଙ୍କୁ ନିଯୁକ୍ତି ନ ଦେଇ ଏଠାରୁ ନେବାର ଏକମାତ୍ର କାରଣ ନୁହେଁ ଯେ ସେଠୁ ମିଳୁ ନାହାନ୍ତି । ସେଠାର ଯୁବ ବିଶାରଦମାନଙ୍କୁ ନିଯୁକ୍ତି ଦେଲେ ଯେତିକି ପାରିଶ୍ରମିକ ଦେବାକୁ ପଡ଼ିବ, ଏଠୁ ନେଲେ ତାଠାରୁ ଯଥେଷ୍ଟ କମ୍ ଖର୍ଚ୍ଚ କରିବାକୁ ପଡ଼ିବ ଆମେରିକାର କମ୍ପାନୀମାନେ ବି ଶସ୍ତାରେ ଆମ ଦେଶର ଯୁବ ଇଂଜିନିୟରମାନଙ୍କୁ ପାଇ ଯାଉଛନ୍ତି । ଟ୍ରମ୍ପଙ୍କ ନୂଆ ଭିସା ଆଇନ ସେ ଦେଶର କମ୍ପାନୀମାନଙ୍କ ପାଇଁ ବି ଅସୁବିଧା ସୃଷ୍ଟି କରିବ ।

ଟ୍ରମ୍ପ କ୍ଷମତା ଆରୋହଣ କରିବା ପରେ ପ୍ରଥମେ ଯେଉଁ କେତେ ଜଣ ବିଶ୍ୱ ନେତାଙ୍କୁ ଫୋନ୍ କରିଥିଲେ ତନ୍ମଧ୍ୟରେ ଅନ୍ୟତମ ଥିଲେ ନରେନ୍ଦ୍ର ମୋଦୀ । ଏହି ଖବର ଆମ ଦେଶର ଶାସକ ଦଳ ବିଜେପି ପାଇଁ ଭାରି

ଅବଶିଷ୍ଟାଂଶ ୪ ପୃଷ୍ଠାରେ



# ରଷ୍ ବିପ୍ଳବ୍

ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA

ଆଜି ପର୍ଯ୍ୟନ୍ତ ସାରା ବିଶ୍ୱରେ ମାନବାଧିକାର ସୁରକ୍ଷା ପାଇଁ ଯେତେ ସବୁ ରକ୍ତାକ୍ତ ସଂଘର୍ଷ ହୋଇଛି ତନ୍ମଧ୍ୟରୁ  ରଷ୍ ବିପ୍ଳବ ଅନ୍ୟତମ । ଏହାକୁ **Great Socialist Revolution** କୁହାଯାଉଥିଲା । ସାଧାରଣ ଭାବେ ଏହା 'ଲାଲ ଅକ୍ଟୋବର' ,' ଅକ୍ଟୋବର ଗଣ ଉତ୍‌ଥାନ' 'ବଲ୍‌ସେଭିକ୍ ବିଦ୍ରୋହ' କୁହାଯାଉଥିଲା । ସୋଭିଏତ୍ ରୁଷ୍‌ର ୧୦ମ ଜନ୍ମ ବାର୍ଷିକି ପାଳନ ଅବସରରେ ଏହି ବିପ୍ଳବକୁ  ଅକ୍ଟୋବର ବିପ୍ଳବ ନାମରେ ସରକାରୀ ଭାବେ ଘୋଷଣା କରାଯାଇଥିଲା ।

ରୁଷ୍ ବିପ୍ଳବ ପର୍ଯ୍ୟନ୍ତ ସାରା ବିଶ୍ୱ ୨ ଭାଗରେ ବିଭକ୍ତ ଥିଲା ଗୋଟିଏ ପଟରେ ଥିଲା ପୁଞ୍ଜିବାଦ ବା ଉପନିବେଶିକ ଶକ୍ତି ଓ ଅନ୍ୟ ଭାଗରେ ଥିଲେ ଉପନିବେଶ ପାଲଟି ଥିବା ରାଷ୍ଟ୍ର ସମୁହ । ସେହି ସମୟରେ ଆମ ଦେଶ ଭାରତ ବର୍ଷ ମଧ ବିଟ୍ରିଶ୍ ଉପନିବେଶିକମାନଙ୍କ କବଳରେ ଥିଲା । ରଷ ବିପ୍ଳବ ପରେଉପନିବେଶବାଦ ଓ ଉପନିବେଶ ରାଷ୍ଟ୍ର ସହିତ ଯୋଡ଼ା ହେଲା ଅନ୍ୟଏକ 'ବାଦ' – ସମାଜବାଦ୍  । ମିଳିତ ସୋଭିଏତ୍ ସମାଜବାଦ ସାଧାରଣତନ୍ତ୍ର ବା **USSR** ର ସୃଷ୍ଟି  ହେଲା । ଏହି ରାଷ୍ଟ୍ର ମଣିଷ ଉପରେ ମଣିଷର ଶୋଷଣକୁ ବିରୋଧ କଲା । ସାମ୍ରାଜ୍ୟବାଦୀ ଶକ୍ତିକୁ ମୁହଁତୋଡ଼ ଜବାବ ଦେବା ପାଇଁ ସକ୍ଷମ ହେଲା । ବିଭିନ୍ନ ଦେଶର ମୁକ୍ତି ସଂଗ୍ରାମକୁ ଦୃଢ଼ ସମର୍ଥନ ଜଣାଇଲା । ପରେ ପରେ ବିଭିନ୍ନ ରାଷ୍ଟ୍ରରେ ଜନ ବିରୋଧି ସରକାରମାନଙ୍କ ବିରୁଦ୍ଧରେ ଗଣ ଆନ୍ଦୋଳନ ସଂଗଠିତ ହୋଇ ସେଠାରେ ମଧ୍ୟ ସମାଜବାଦୀ ସରକାର ଗଠନ ହେଲା । ସୋଭିଏତ୍ ରଷ ଶୋଷିତ ଶ୍ରେଣୀକୁ ବଞ୍ଚିବାର ରାହା ଯୋଗାଇ ଥିଲା । ସାମ୍ରାଜ୍ୟବାଦୀ ଏବଂ ପୁଞ୍ଜିବାଦୀ ରାଷ୍ଟ୍ର ବିରୁଦ୍ଧରେ ଆନ୍ଦୋଳନ ଓ ଶୋଷିତ ଶ୍ରେଣୀର ଆନ୍ଦୋଳନରେ ରଷର ଆନ୍ଦୋଳନର ସଫଳତା ଯଥେଷ୍ଟ ପ୍ରେରଣା ଯୋଗାଉଥିଲା । ସର୍ବହରାମାନଙ୍କୁ ଏକ ନୂଆ ପରିଚୟ ଦେଇ ''ସର୍ବହରାର ଆନ୍ତର୍ଜାତିକତା'' ପରି ଏକ ସ୍ଲୋଗାନ୍ ସୃଷ୍ଟି କରିବା ଏବଂ ବିଭିନ୍ନ ରାଷ୍ଟ୍ରର ସର୍ବଭୌମତ୍ୱର ସୁରକ୍ଷା ସୋଭିଏତ୍ ସଂଘର ଲାଲ୍ ବାହିନୀ ଜାତିକୁ ସଦା ଉତ୍ସର୍ଗ କରିଥିଲା । କେବଳ ମାତ୍ର ସୋଭିଏତ୍ ରଷର ଗଠନ ହିଁ ସାରା ବିଶ୍ୱକୁ ଦୁଇ ମେରୁ ବିଶିଷ୍ଟ ବିଶ୍ୱରେ ପରିଣତ କରିଥିଲା । ସମାଜ୍ରବାଦୀ ରଷ ପାଖରେ ସାମ୍ରାଜ୍ୟବାଦୀ ଏବଂ ପୁଞ୍ଜିବାଦୀ ରାଷ୍ଟ୍ର ଆମେରିକାର ନାଲି ଆଖି ମଳିନ ପଡ଼ିଯାଇଥିଲା । ଭାରତର ଏକ ଅତ୍ୟନ୍ତ ନିକଟତମ ଏବଂ ନିଃସ୍ୱାର୍ଥପର ବନ୍ଧୁ ରାଷ୍ଟ୍ର ଭାବେ ରଷ ଠିଆ ହେଉଥିଲା । ସୋଭିଏତ୍ ୟୁନିୟନର ପତନ ଘଟିଛି । କିନ୍ତୁ ସେଠାରୁ କମ୍ୟୁନିଷ୍ଟ ଆନ୍ଦୋଳନର ଅବସାନ ଘଟିନାହିଁ । ସେମାନେ ଏବେ ମଧ ରଷରେ ଦ୍ୱିତୀୟ ଶକ୍ତି ଭାବେ ଉଭା ହୋଇଛନ୍ତି । ଏବଂ ଭାରତରେ ବିଭିନ୍ନ ରାଜନୈତିକ ଆଦର୍ଶଗତ ପରିବର୍ତ୍ତନ ଆଜି ମଧ ରଷ ନିସର୍ତ୍ତ ଭାବେ ଭାରତ ସପକ୍ଷରେ ଠିଆ ହୋଇଛି ।

ସୋଭିଏତ୍ ରଷରେ ଯେଉଁ ଗଣ ବିପ୍ଳବ ଘଟିଥିଲା ଏବଂ ଲକ୍ଷ ଲକ୍ଷ କମ୍ୟୁନିଷ୍ଟ ଦେଶକୁ ଜାର୍ ଶାସନରୁ ମୁକ୍ତି କରି ସମାଜବାଦ ପ୍ରତିଷ୍ଠା ପାଇଁ ଯେଉଁ ପଣ ନେଇ ଶହିଦ୍ ହୋଇଥିଲେ ତାହା କେବଳ ୭.୧୧.୧୯୧୭ରେ ସଙ୍ଗଠିତ ହୋଇ ନ ଥିଲା (ପୁରୁଣା କ୍ୟାଲେଣ୍ଡର ଅନୁଯାୟୀ ୨୫.୧୦.୧୭) ଏହା ଥିଲା ଲାଲ ବାହିନୀର ବିଜୟ ଦିବସ । ଯଦି ଇତିହାସ ଦେଖିବା ତେବେ ୧୮୫୩ରୁ ୫୬ ମସିହାରୁ କ୍ରିମିୟା ଯୁଦ୍ଧରେ ରଷ, ବ୍ରିଟିଶ୍ ଏବଂ ଫରାସୀ ସୈନ୍ୟମାନଙ୍କ ଠାରୁ ପରାସ୍ତ ହେଲା ପରେ ଜାର୍ ୨ୟ ଆଲେକ୍‌ଜାଣ୍ଡରଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହ ଘନିଭୂତ ହେଉଥାଏ । ପରବର୍ତ୍ତି ସମୟରେ ଜାର୍‌ଙ୍କ ଅନ୍ୟାନ୍ୟ ଉତ୍ତରାଧିକାରୀଙ୍କ ବିରୁଦ୍ଧରେ ମଧ ବିଦ୍ରୋହସ୍ୱବ କାର୍ଯ୍ୟକ୍ରମ ଚାଲୁ ରହିଥିଲା ଏବଂ ତାହାର ଶେଷ ପରିଣତି ହୋଇ ଥିଲା ଜାର୍ ଶାସନର ପତନ ଏବଂ ସୋଭିଏତ୍ ରଷର ପ୍ରତିଷ୍ଠା ୭.୧୧.୧୯୧୭ରେ ।

ଏହି ବିଦ୍ରୋହର ମୁଖ୍ୟ ନାୟକ ଥିଲେ ଭ୍ଲାଦିମିର୍ ଇଲିୟଚ ଲେନିନ୍, ଶ୍ରମିକ ଖଟିଖିଆଙ୍କର ଅତି ପ୍ରିୟ ଲେନିନ୍ । ଏହି ବିଦ୍ରୋହ ନେତୃତ୍ୱ ନେବା ସମୟରେ ସେ ବହୁବାର ଜାର୍ ପ୍ରଶାସନଠାରୁ ପ୍ରାଣଘାତୀ ଆକ୍ରମଣର ଶିକାର ହୋଇଛନ୍ତି, ଦେଶାନ୍ତର ହୋଇଛନ୍ତି, ଅଜ୍ଞାତ ବାସ ବା ଆତ୍ମଗୋପନ ମଧ୍ୟ କରିଛନ୍ତି । ସେ ଯେଉଁଠାରେ ଯେଉଁ ଅବସ୍ଥାରେ ଥିଲେ ମଧ ଗୁପ୍ତଚର ମାଧମରେ କିମ୍ବା ନିଜର ଲେଖନୀ ଚାଳନାରେ ରଷ ବିପ୍ଳବକୁ ଚଳାଇ ରଖିଥିଲେ । ସେ ପିଟର୍ସବର୍ଗ ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ ହୋଇ ସାମରାର ଅଦାଲତରେ ଗରୀବ ଖଟିଖିଆ ଶ୍ରମିକମାନଙ୍କ ପକ୍ଷନେଇ ଓକିଲାତି କରୁଥିଲେ । ସେଠାରେ ରହିବା ସମୟରେ ମାର୍କ୍ସବାଦର ମୂଳଗ୍ରନ୍ଥଗୁଡ଼ିକୁ ଅଧୟନ କରି ଧ୍ୟାନ ଆହରଣ କରିବା ସହିତ ତା'ର ପ୍ରୟୋଗ ମଧ କରିଥିଲେ । ବିଭିନ୍ନ ସଭାସମିତି ମାଧମରେ, ଗୁପ୍ତ ବୈଠକମାନଙ୍କରେ ଏବଂ ନିଜର କାଳଜୟୀ ଲେଖା ମାଧମରେ ସାଥି ଲେନିନ୍ ରଷ୍‌ବାସୀଙ୍କ ମଧରେ ଅଧିକାର କର୍ତ୍ତବ୍ୟ ଏବଂ ଜାର ଶାସକ ବିରୋଧି ଉକ୍ତିର ପ୍ରବେଶ କରାଇ ସାରା ରଷ୍‌ରେ ଆନ୍ଦୋଳନର ଦାବାଗ୍ନି ପ୍ରଜ୍ୱେଳନ କରି ରଖିଲେ । ସେ ଲେଖିଥିଲେ ''ଆମର ପ୍ରଧାନ ଏବଂ ମୂଳ କର୍ତ୍ତବ୍ୟ ହେଲା ଶ୍ରମିକ ଶ୍ରେଣୀର ରାଜନୈତିକ ବିକାଶ ଏବଂ ରଜନୈତିକ ସଙ୍ଗଠନ ଗଢ଼ି ତୋଳିବା । ଆମ ସାମନରେ ସମସ୍ତ ଶକ୍ତି ଦେଇ ଶତୃର ଦୁର୍ଗ ଠିଆହୋଇଛି । ଆମକୁ ଏହି ଦୁର୍ଗ ଦଖଲ କରିବାକୁ ହେବ ।'' ଆଉ ଥରେ ସେ କହିଥିଲେ '' ଯେଉଁ ଶତ୍ରୁମାନେ ଦାବୀ କରନ୍ତି ଶ୍ରମିକମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଛି ଅର୍ଥନୈତିକ ଦାବି ଦୁବା ଉଠାଇବା, ସେମାନେ ଶ୍ରମିକ ଶ୍ରେଣୀର ରାଜନୈତିକ ସଂଗ୍ରାମକୁ ପଛକୁ ଠେଲି ଦେଇଥା'ନ୍ତି ଏବଂ ଏହି ସଂଗ୍ରାମକୁ ସଂକୁଚିତ ଓ ସଂକୀର୍ଣ୍ଣ କରିଥାଆନ୍ତି । ୧୯୦୨ ମସିହାରେ ଲେନିନ୍‌ଙ୍କ ବିଶ୍ୱପ୍ରସିଦ୍ଧ ବହି ''କ'ଣ କରିବାକୁ ହେବ'' ପ୍ରକାଶିତ ହୋଇଥିଲା । ଏହି ବହିରେ ଲେନିନ୍ ଲେଖିଲେ ''ଶ୍ରେଣୀଦ୍ୱନ୍ଦ ପୂର୍ଣ୍ଣ ସମାଜରେ କୌଣସି ତୃତୀୟ ମତାଦର୍ଶ ରହିପାରେନା ଯାହା ଆମେ ଦେଖୁ ତାହା ପୁଞ୍ଜିବାଦୀ କିମ୍ବା ସମାଜବାଦୀ ମତାଦର୍ଶ । ସେହି ସମାଜବାଦୀ ମତାଦର୍ଶକୁ ନ୍ୟୁନ କରି ଦେଖିବା କିମ୍ବା ସାମାନ୍ୟ ଭାବେ ଏହି ମତବାଦଠାରୁ ଦୁରେଇ ଯିବା ଅର୍ଥ ହେଉଛି ପୁଞ୍ଜିବାଦ (ବୁର୍ଜୁଆ) ମତବାଦ ସାମନାରେ ନତ ସ୍ୱୀକାର କରିବା । ଏହି ବହିରେ ଆହୁରି ମଧ ଲେଖିଥିଲେ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ଯେ କେବଳ ଅର୍ଥନୈତିକ ସଂଗ୍ରାମ ମଧରେ ନିଜକୁ ସିମିତ ରଖିବେ ତାହା ନୁହେଁ । ଏହି

ସଙ୍ଗଠନଗୁଡ଼ିକ ରାଜନୈତିକ ସଂଗ୍ରାମ ମଧ୍ୟଦେଇ ବିପ୍ଳବୀ ସଙ୍ଗଠନ ଗଢ଼ି ତୋଳିବା କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିବେ ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୬ରେ ଲେନିନ୍ ଯୁରିକ (ସ୍ୱିଜରଲ୍ୟାଣ୍ଡ)ଠାରେ ରହି ''ସାମ୍ରାଜ୍ୟବାଦ ପୁଞ୍ଜିବାଦର ସର୍ବୋଚ୍ଚସ୍ତର'' ବହିରେ ଲେଖିଲେ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀମାନେ ସାରା ବିଶ୍ୱକୁ ନିଜ ମଧ୍ୟରେ ଭାଗ କରି ନେଇଛନ୍ତି । ଯାହାଫଳରେ ଗୋଟିଏ ଗୋଟିଏ ଗୋଷ୍ଠି ଗୋଟିଏ ଗୋଟିଏ ଅଞ୍ଚଳର ବଜାରର ମାଲିକ ହେବେ ଏବଂ ସେଠାରୁ ସମସ୍ତ କଞ୍ଚାମାଲ ଲୁଟ୍ କରି ନେବେ । ଯୁଦ୍ଧର ସୁଯୋଗ ନେଇ ଜାର ସରକାର ବଲ୍‌ସେଭିକ୍‌ମାନଙ୍କୁ ଗିରଫ୍ କରି ନେଇ ଭାବିଲେ ଦେଶରେ ଆନ୍ଦୋଳନ କମି ଯିବ । କିନ୍ତୁ ତାହା ହେଲା ନାହିଁ । ୫.୯.୧୯୧୪ରେ ବର୍ଣ୍ଣଠାରେ ପହଞ୍ଚି ବଲ୍‌ସେଭିକ୍ କର୍ମୀମାନଙ୍କୁ ନେଇ ଏକ ୩ ଦିନିଆ ସମ୍ମିଳନୀ କଲେ, ଉଦ୍ଦେଶ୍ୟ ଥିଲା ଯୁଦ୍ଧର ପ୍ରକୃତି ଉଦ୍ଦେଶ୍ୟ ସାଥିମାନଙ୍କୁ ଜଣାଇବା । ଏକ ପ୍ରସ୍ତାବର ଛୋଟ ଅନୁଚ୍ଛେଦ ମାଧ୍ୟମରେ ସେ ଜଣାଇଲେ ''ଏହି ଯୁଦ୍ଧ ହେଉଛି ବଜାର ଦଖଲ ଏବଂ ବିଦେଶୀ ରାଷ୍ଟ୍ରଗୁଡ଼ିକୁ ଲୁଣ୍ଠନ କରିବାର ସ୍ୱାଧିନତା ପାଇଁ ଯୁଦ୍ଧ । ପୁଞ୍ଜିପତି ଶ୍ରେଣୀର ଯେପରି ଲାଭ ହେବ ଏଣୁ ଗୋଟିଏ ଦେଶର ଦାସ ମଜୁରୀଆଙ୍କୁ ଅନ୍ୟ ଦେଶର ଦାସ ମଜୁରୀଆଙ୍କ ବିରୁଦ୍ଧରେ ଲଢ଼ାଇ ଦେଇ ସମସ୍ତ ଦେଶର ସର୍ବହରାଙ୍କୁ ଠକାଇବା ଯୁଦ୍ଧର ଏକମାତ୍ର ଲକ୍ଷ୍ୟ'' । କିନ୍ତୁ ଯୁଦ୍ଧ ଚାଲିଲା ଏବଂ ଯୁଦ୍ଧରେ ଋଷିଆ ପରାଜିତ ହେଲା । ଋଷିଆର ପ୍ରାୟ ୩୩ ଲକ୍ଷ ଲୋକ ଯୁଦ୍ଧରେ ମରିଲେ କିମ୍ୱା ନିଖୋଜ ହୋଇଗଲେ । ୮୦ ଲକ୍ଷ ଲୋକ ଆହତ ହେଲେ । ଋଷିଆର ଅର୍ଥନୈତିକ ଅବସ୍ଥା ବହୁତ ଖରାପ ହୋଇଗଲା । ଗୋଦାମରେ ମାଲ୍ ଥିଲେ ମଧ୍ୟ ଲୋକଙ୍କ ପାଖରେ ତାହା ପହଞ୍ଚି ପାରିଲାନାହିଁ । ଯାହା ମିଳିଲା ତାହାର ଦାମ ଅହେତୁକ ବୃଦ୍ଧି ପାଇଥିଲା । ପରିସ୍ଥିତି ଏପରି ହେଲା ଯେ ଲୋକମାନେ ଖାଦ୍ୟ ବିନା ମରିବା ଆରମ୍ଭ କଲେ ।

୧୯୧୭ ଜାନୁୟାରୀ ୯ ତାରିଖ, ଫେବୃୟାରୀ ୧୮, ୨୨, ୨୩, ୨୪,୨୫, ୨୬ ରେ ଋଷିଆର ଜନଗଣ ବିଶାଳ ଆନ୍ଦୋଳନମାନ କଲେ । ଲକ୍ଷ ଲକ୍ଷ ଲୋକ ଏହି ଆନ୍ଦୋଳରେ ଯୋଗ ଦେଲେ । ୨୬.୨.୧୭ ଆନ୍ଦୋଳନରେ ସୈନ୍ୟବାହିନୀ ସାମିଲ ହେଲା ଏବଂ ସେମାନେ ଆନ୍ଦୋଳନକାରୀ ଜନଗଣଙ୍କ ଉପରେ ଗୁଳି ଚଳାଇବାକୁ ମନା କଲେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଆମକୁ ଖାଦ୍ୟ ଦିଅ । ଜାର୍‌ର ନିଷ୍ଠୁର ଶାସନରୁ ଆମେ ମୁକ୍ତି ଚାହୁଁ । ୨୭ ଫେବୃୟାରୀରେ ସେମାନେ ଅସ୍ତ୍ରାଗାରକୁ ଦଖଲକରିନେଲେ ସହସ୍ରାଧିକ ସୈନ୍ୟ ବିଦ୍ରୋହିଙ୍କ ସହିତ ସାମିଲ ହେଲେ । ପେଟ୍ରୋଗାର୍ଡ଼କୁ ଦଖଲ କରିନେଲେ। ଜାରର ଅଫିସରମାନଙ୍କୁ ସେମାନଙ୍କ ଆସନରୁ ଘୋସାରୀ ଓହ୍ଲାଇ ଦିଆଗଲା, ଜେଲ୍‌ରୁ ସମସ୍ତ କଏଦୀମାନଙ୍କୁ ମୁକ୍ତ କରି ଦିଆଗଲା । ସୈନିକମାନେ ମଧ୍ୟ ବିପ୍ଳବୀଙ୍କ ପାଖରେ ଠିଆ ହେଲେ ଏକ ଛତ୍ରବାଦୀ ଜାର ଶାସନର ପତନ ଘଟିଲା । ଲେନିନ୍ କହିଲେ ''ରକ୍ତାକ୍ତ ଓ କଳଙ୍କିତ ରୋମାନର ରାଜତନ୍ତ୍ରର ଗାଡ଼ି ଗୋଟିଏ ଧକ୍କାରେ ଓଲଟି ପଡ଼ିଲା'', ଷ୍ଟାଲିନ୍ କହିଲେ ''ବିପ୍ଳବ ଜିତିବାର କାରଣ ହେଉଛି ଏହାର ନେତୃତ୍ୱରେ ଶ୍ରମିକ ଶ୍ରେଣୀ ଥିଲା ।''

କିନ୍ତୁ ଚଞ୍ଚକତାକରି ପୁଞ୍ଜିବାଦୀମାନେ ଏହି ବିଜୟକୁ ତାଙ୍କ ସପକ୍ଷରେ ଆତ୍ମସାତ୍ କରିବା ପାଇଁ ଚେଷ୍ଟା କରି ସଫଳ ହେଲେ । କୁହାଯାଇଛି କୁରାଡ଼ିପଛରେ ଲାଗିଥିବା ଅସ୍ତ୍ର (କାଠ ବେଣ୍ଟ) ତାକୁ ହିଁ ହାଣେ । ଏହି ମର୍ମରେ କିଛି ପୁଞ୍ଜିପତି ଓ ଚାଟୁକାର 'ଡୁମା'କୁ ଭାଙ୍ଗି ଦେଇ ଯେଉଁ ନୂଆ ଡୁମା ଗଠନ କଲେ ସେଥିରେ କେବଳ ଜାର ସପକ୍ଷବାଦୀମାନେ ବେଶି ସଂଖ୍ୟାରେ ଥିଲେ । ସେତେବେଳେ ଲେନିନ୍ ବିଦେଶରେ ଥା'ନ୍ତି, ଷ୍ଟାଲିନ୍ ସାଇବେରିଆରେ ନିର୍ବାସନରେ ଥା'ନ୍ତି ଏବଂ କର୍ମୀମାନେ ସଂଗ୍ରାମରେ, ଜେଲରେ କିମ୍ବା ନିର୍ବାସନରେ ଥା'ନ୍ତି ।

ବିଜୟ ଲାଭ ପରେ ବିଜୟର ଲାଭ ବେଇମାନ ମାନଙ୍କ ହାତକୁ ଚାଲିଯିବା ପରେ ମଧ୍ୟ ସଂଗ୍ରାମୀ ବଲ୍‌ସେଭିକମାନେ ହତୋତ୍ସାହିତ ନ ହୋଇ ନିଜର ଗଣତାନ୍ତ୍ରିକ ଆନ୍ଦୋଳନ ଚାଲୁ ରଖିଲେ । ସେମାନଙ୍କ ପଛରେ ଥା'ନ୍ତି ଅଗଣିତ ଖଟିଖିଆ ମେହେନତୀ ମଣିଷ । ଯେତେବେଳେ ସମସ୍ତ ଆନ୍ଦୋଳନ ପାଇଁ ସମୟ ଆସିଗଲା ଲେନିନ୍ ଚିଠି ମାଧ୍ୟମରେ ଜଣାଇଲେ ବିପ୍ଳବ ପାଇଁ ସମୟ ଆସିଯାଇଛି । ପ୍ରସ୍ତୁତ ରହିବା ପାଇଁ କୁହାଗଲା । ଅସ୍ତ୍ର କାରଖାନାର ଶ୍ରମିକମାନେ ଅସ୍ତ୍ର ତିଆରି କରିବାରେ ବ୍ୟସ୍ତ ଥା'ନ୍ତି । ଯାହା କରାଯିବ ନଭେମ୍ବର ୭ ସୁଦ୍ଧା କରିବାକୁ ପଡ଼ିବ କାରଣ ସେହିଦିନ କଂଗ୍ରେସ ଅଧିବେସନ ହେବ ଏବଂ ସମସ୍ତ ସଭ୍ୟ ଆସି ସାରିଥିବେ । ୬.୧୧ରେ ସମ୍ବାଦପତ୍ର ପ୍ରଭଦାକୁ ବନ୍ଦ କରିବା ପାଇଁ ଅସ୍ଥାୟୀ ସରକାରର ସାମରୀକ ବାହିନୀ ଯୁଦ୍ଧ ଟ୍ୟାଙ୍କ ନେଇ ଆସିଲେ । ସେମାନେ ଲାଲ୍ ବାହିନୀଠାରୁ ପରାସ୍ତ ହୋଇ ଫେରିଗଲେ । ତା'ପରେ ଲାଲବାହିନୀ ସରକାରଙ୍କ ସମସ୍ତ ଯୋଗାଯୋଗ ବ୍ୟବସ୍ଥା ଏବଂ ପୋଲ ଗୁଡ଼ିକୁ ମଧ୍ୟ ନିଜ ଦଖଲକୁ ନେଇଗଲେ । ନୌସେନାମାନେ ତାଙ୍କ କମାଣ୍ଡରଙ୍କୁ ଗିରଫ୍ କରି ରାଜପ୍ରାସାଦ ଆଡ଼କୁ ଅଗ୍ରସର ହେଲେ । ସକାଳ ହେଲା କ୍ଷଣି ଲାଲବାହିନୀ ରାଜପ୍ରସାଦକୁ ଅବରୋଧ କଲେ ସକାଳ ୧୦ଟାରେ କେନ୍ଦ୍ରୀୟ ବିପ୍ଳବୀ କମିଟି ତରଫରୁ ଲେନିନ୍ ଘୋଷଣା କଲେ ଯେ ଅସ୍ଥାୟୀ ସରକାରକୁ କ୍ଷମତାଚ୍ୟୁତ କରାଯାଇଛି । ଯେଉଁ ଲକ୍ଷ ନେଇ ଜନଗଣ ବିପ୍ଳବ କରିଛନ୍ତି ସେହି ଲକ୍ଷ ପୁରଣ ପାଇଁ ଜମିଦାରୀ ପ୍ରଥା ଉଚ୍ଛେଦ କରାଯିବ । ଉତ୍ପାଦନ ଉପରେ ଶ୍ରମିକମାନଙ୍କର ନିୟନ୍ତ୍ରଣ ରଖିବା ପାଇଁ ନୂତନ ସୋଭିଏତ୍ ସରକାର ସୁନିଶ୍ଚିତ କରିବେ । ଜନଗଣଙ୍କର ବିଜୟ ହେଲା । ସୋଭିଏତର କମ୍ୟୁନିଷ୍ଟ ସରକାର ଗଠନ ହେଲା । ଲକ୍ଷ ଲକ୍ଷ ବିପ୍ଳବୀମାନଙ୍କ ଜୀବନ ଦାନରେ ଯେଉଁ ବିଜୟ ଲାଭ ହେଲା ଏବଂ ଲୋକମାନଙ୍କର ସରକାର ଗଠନ ହେଲା ଏହାର କାରଣ ଭାବେ ଷ୍ଟାଲିନ୍ ଜଣାଇଲେ 'ବିପ୍ଳବ ନେତୃତ୍ୱ ରେ ଋଷ ଶ୍ରମିକ ଶ୍ରେଣୀ ଭଳି ଏକ ବିପ୍ଳବୀ ଶ୍ରେଣୀଥିଲା । ଶ୍ରମିକ ଶ୍ରେଣୀର ଦୃଢ଼ ମିତ୍ର ଭାବେ ସଂଖ୍ୟା ଗରିଷ୍ଠ ଗରିବ କୃଷକ ସମାଜ ଉଭା ହୋଇଥିଲା । ଏବଂ ସର୍ବୋପରି ରାଜନୈତିକ ସଂଗ୍ରାମରେ ବାରମ୍ବାର ପରିକ୍ଷିତ ଓ ମାର୍ଜିତ ହୋଇ ଗଢ଼ି ଉଠିଥିବା ବଲ୍‌ସେଭିକ୍ ପାର୍ଟି ଭଳି ପାର୍ଟି ଶ୍ରମିକ ଶ୍ରେଣୀର ନେତୃତ୍ୱରେ ଥିଲା ।

(ବହୁ ଦିନର ଆନ୍ଦୋଳନ, ବହୁ ସଂଗ୍ରାମୀ ସାଥିଙ୍କ ଜୀବନ ଦାନରେ ଋଷିଆଭଳି ଏକ ଖଟିକିଆ ଶ୍ରମିକମାନଙ୍କର ବନ୍ଧୁ ରାଷ୍ଟ୍ର ପ୍ରତିଷ୍ଠା ହେଲା । ଏହା ଦିର୍ଘ ଦିନର ଆନ୍ଦୋଳନ ଫଳରେ ସମ୍ଭବ ହୋଇଛି । ଏହି ଇତିହାସକୁ ହାତଗଣତି କେତେ ପୃଷ୍ଠା କାଗଜ ମଧ୍ୟରେ ପ୍ରକାଶ କରିବା ସମ୍ଭବ ନୁହେଁ । ଚେଷ୍ଟା କରିଛି ସମସ୍ତ ବିଷୟ ବସ୍ତୁକୁ ସାରାଂଶରେ ପ୍ରକାଶ କରିବା ପାଇଁ । କୌଣସି ତୃଟି ବିଚ୍ୟୁତି ନ ଧରିବା ପାଇଁ ଅନୁରୋଧ )

❖ ❖ ❖



# ମୋଦି ଶାସନରେ ଚାଷୀ

ଭାରତ ଭୂଷଣ ନାୟକ, ସାଙ୍ଗଠନିକ ସମ୍ପାଦକ ,
**BDLIEA** , ଭୁବନେଶ୍ୱର

ନରେନ୍ଦ୍ର ମୋଦୀ ତିନି ବର୍ଷ ତଳେ ପ୍ରଧାନମନ୍ତ୍ରୀ ହେବାକୁ ଉଦ୍ୟମ କରୁଥିବା ବେଳେ ଦେଶରେ ଉଜୁଡ଼ିଯାଇଥିବା ଚାଷକୁ ପୂର୍ଣ୍ଣ ମାତ୍ରାରେ ବିକଶିତ କରିବା ପାଇଁ ଘୋଷଣା କରିଥିଲେ । ସିଏ ପ୍ରଧାନମନ୍ତ୍ରୀ ହେବା ପରେ ବାସ୍ତବରେ କୃଷି ଓ କୃଷକ ପାଇଁ କ'ଣ କରିଛନ୍ତି ଆସନ୍ତୁ ଦେଖିବା ।

**କୃଷି କ୍ଷତିଗ୍ରସ୍ତ ହୋଇଛି – ଶସ୍ୟ ଉତ୍ପାଦନ କମିଛି :** କେନ୍ଦ୍ର କୃଷି ମନ୍ତ୍ରଣାଳୟ ରିପୋର୍ଟ ମୁତାବକ ୨୦୧୩–୧୪ରେ ଭାରତ ବର୍ଷରେ ମୋଟ ଖାଦ୍ୟ ଶସ୍ୟ ଉତ୍ପାଦନ ପରିମାଣ ଥିଲା ୨୬୫ ଲକ୍ଷ ମେଟ୍ରିକ୍‌ଟନ୍ । ମୋଦିଜୀଙ୍କ ଶାସନ କାଳରେ ୨୦୧୪–୧୫ ଓ ୨୦୧୫–୧୬ରେ ଏହା ଯଥାକ୍ରମେ ୨୫୨.୭୦ ଓ ୨୫୩.୨୦ ଲକ୍ଷ ମେଟ୍ରିକ୍ ଟନ୍‌କୁ ଖସି ଆସିଲା । ଏପରିକି ପ୍ରତି ହେକ୍ଟର ଉତ୍ପାଦନ ୨୧୪୨ କିଲୋଗ୍ରାମରୁ କମି ୨୦୮୨ କି.ଗ୍ରା ହୋଇଗଲା । ଡାଲି ପ୍ରତି ହେକ୍ଟର ଉତ୍ପାଦନ ୭୮୫ କିଲୋରୁ ଖସି ୭୫୩ କି.ଗ୍ରା. ହୋଇଗଲା ଯାହା ପାଇଁ ଡାଲିର ଦାମ୍ ଦ୍ୱିଗୁଣିତ ହୋଇଗଲା । ଚାଷୀ ବାପୁଡ଼ା ଯେହେତୁ ମୋଦିଜୀଙ୍କ କଥାରେ ଭୁଲି ତାଙ୍କୁ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀରୁ ପ୍ରଧାନମନ୍ତ୍ରୀ କଲା, ମୋଦୀଜୀ ତେଣୁ ପ୍ରଥମେ ସେହିମାନଙ୍କୁ ବିପଦରେ ପକାଇ ଦେଲେ । ଧାନର ସହାୟକ ମୂଲ୍ୟ କୁଇଣ୍ଟାଲରେ ମାତ୍ର ୧୦୦ ଟଙ୍କା ବଢ଼ିଛି ।

**ଋଣ ବୋଝ ତଳେ କୃଷକ :** ବିଜୟମାଲ୍ୟା ୯୦୦୦ କୋଟି ନେଇ ଲଣ୍ଡନରେ ବସି ମଉଜ କରୁଛନ୍ତି ଅଥଚ ଓଡ଼ିଶାରେ କୃଷକ ବିଶେଷ କରି ଭାଗଚାଷୀ ୯୦୦୦ଟଙ୍କାର ଋଣ କରି ବେକରେ ରସି ଲଗାଇ ନ ହେଲେ କୀଟନାଶକ ପିଇ ବିଲରେ ପଡ଼ି ଆତ୍ମହତ୍ୟା କରୁଛି । ଏନ୍.ଏସ.ଏସ.ଓ ରିପୋର୍ଟ ଅନୁସାରେ ୨୦୧୫ ବେଳକୁ ଦେଶର ୫୨ ଭାଗ କୃଷକଙ୍କ ମୁଣ୍ଡ ଉପରେ ଋଣ ବୋଝର ଖଣ୍ଡା ଝୁଲୁଥିଲା । ମୋଦିଜୀ ଗତ ପ୍ରାୟ ୩ ବର୍ଷରେ କେବେ ବି ସେ ଖଣ୍ଡାକୁ କାଢ଼ିବାକୁ ଉଦ୍ୟମ କରିନାହାନ୍ତି ବରଂ ବୀମା କଥା କହି ଚାଷୀକୁ ଭୁଆଁ ବୁଲାଇ ଚାଲିଛନ୍ତି । ଚାଷୀକୁ ପୁରା ଋଣମାଫ କରିବାରେ ଅସୁବିଧା ଅଛି କି ? ନିଜେ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ ବ୍ୟାଙ୍କ୍ ଗୁଡ଼ିକରେ ବାକି ପଡ଼ିଥିବା ଅନାଦୟ ଋଣର ପରିମାଣ ମାର୍ଚ୍ଚ ୨୦୧୬ ସୁଦ୍ଧା ୪୬.୫ ଲକ୍ଷ କୋଟି ଥିଲା । ଏଥିରୁ କୃଷି ଋଣର ପରିମାଣ ହେଉଛି ମାତ୍ର ୬.୪୮ ଲକ୍ଷ କୋଟି । ୫ ମଇ ୨୦୧୬ ସୁଦ୍ଧା ଆଦାନୀ ଗ୍ରୁପ୍ ଉପରେ ୭୨ ହଜାର କୋଟି ଟଙ୍କାର ଋଣ ଆଦାୟ ନ ହୋଇ ପଡ଼ି ରହିଛି । । ଖୋଦ୍ ସୁପ୍ରିମ୍ କୋର୍ଟ କହିଛନ୍ତି ଯେ ସାମାନ୍ୟ କେତେଟା ଟଙ୍କାର ଋଣ ଶୁଝି ନ ପାରି କୃଷକ ଆତ୍ମହତ୍ୟା କରୁଥିବା ବେଳେ ୪୮ ମାସ ଭିତରେ କର୍ପୋରେଟ୍ ହାଉସମାନେ ଦେଶର ବ୍ୟାଙ୍କଗୁଡ଼ିକରୁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ଋଣ ନେଇ ଆଉ ସୁଝୁ ନାହାନ୍ତି । ତାହେଲେ ଚାଷୀକୁ ପୁରା ଋଣ ଛାଡ଼ିଦେଲେ ଅସୁବିଧା କ'ଣ ?

**ମରୁଡ଼ିରେ କୃଷକ ବେହାଲ :** ୨୦୧୫ ମସିହା ଫେବୃଆରୀରୁ ଅପ୍ରେଲ୍ ମାସ ମଧ୍ୟରେ ଅସମୟୀ ବର୍ଷା ଓ କୁଆ ପଥର ବୃଷ୍ଟି ଫଳରେ ଦେଶର ୧୪ ରାଜ୍ୟରେ ୧୮୧ ଲକ୍ଷ ହେକ୍ଟର ଫସଲ ନଷ୍ଟ ହୋଇଗଲା । ଏହି ସମୟ ମଧ୍ୟରେ ଦେଶରେ ୮୬.୩ ଲକ୍ଷ ଟନ ଫସଲ ନଷ୍ଟ ହୋଇଛି ଯାହାର ମୂଲ୍ୟ ୧୫,୭୭୭ କୋଟି ଟଙ୍କା । ତୈଳବୀଜ ଜାତୀୟ ଫସଲ ମଧ୍ୟ ନଷ୍ଟ ହୋଇଛି ଯାହାର ବଜାର ମୂଲ୍ୟ ୪,୬୭୬/– କୋଟି ଟଙ୍କା । କୃଷି ସହାୟତା ପାଇଁ ରାଜ୍ୟମାନେ ଯେତେବେଳେ ୪୧,୭୨୨ କୋଟି ଟଙ୍କା ମାଗିଲେ, ମୋଦୀ ସରକାର ବାଛି ବୁଛି ୧୦ଟି ରାଜ୍ୟକୁ ୧୦,୨୭୩ କୋଟି ଟଙ୍କା ଦେଲେ ।

**ପରିଣାମ ହେଲା କୃଷକଙ୍କ ଆତ୍ମହତ୍ୟା :** ଏହା ଫଳରେ କେବଳ ୨୦୧୫ ମସିହାରେ ଦେଶରେ ୨୯୯୬ କୃଷକ ଆତ୍ମହତ୍ୟା କଲେ । ସବୁଠୁ ବେଶି ୧୮୪୧ ଜଣ କୃଷକ ଆତ୍ମହତ୍ୟା କରିଛନ୍ତି ମହାରାଷ୍ଟ୍ରରେ । ଓଡ଼ିଶାରେ ୨୦୦ରୁ ଅଧିକ କୃଷକ ଆତ୍ମହତ୍ୟା କରିଛନ୍ତି । ଏକଥା ବି.ଜେ.ପି ର ଓଡ଼ିଶା ଶାଖା ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାସରିଛି ।

ମୋଦୀ ଶାସନରେ ସବୁଠୁ ଦୁଃଖଦ ଘଟଣାଟି ହେଉଛି କୃଷି କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ କାମ ମିଳିବା ଅସମ୍ଭବ ହୋଇ ପଡ଼ିବାରୁ ୬୭୧୦ ଜଣ କୃଷି ଶ୍ରମିକ ମଧ୍ୟ ଆତ୍ମହତ୍ୟା କରିସାରିଛନ୍ତି । ଏହାର ମୂଳ କାରଣ ହେଉଛି ମନରେଗାରେ ଆଉ କାମ ନ ମିଳିବା । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ଘୋଷଣା କରିଥିଲେ ଯେ ମନରେଗାରେ ଯେଉଁ ୧୦୦ ଦିନ କାମ ମିଳୁଛି ତାକୁ ୧୫୦ ଦିନର କରାଇ ଦେବା । କିନ୍ତୁ ଓଡ଼ିଶାରେ ବର୍ଷକୁ ୪୪.୭୭ଦିନର କାମ ମିଳୁଛି । ସେହିପରି ଛତିଶ ଗଡ଼ରେ ୪୬.୫୩, ମଧ୍ୟପ୍ରଦେଶରେ ୪୫.୮, ମହାରାଷ୍ଟ୍ରରେ ୫୯.୮୮, ତେଲେଙ୍ଗାନାରେ ୫୫.୨୫, ଉତ୍ତରପ୍ରଦେଶରେ ୩୩.୫୩, ଆନ୍ଧ୍ରପ୍ରଦେଶରେ ୫୫.୧୪, ଝାଡ଼ଖଣ୍ଡରେ ୫୨.୦୪ ଓ ରାଜସ୍ଥାନରେ ୫୫.୪୭ ଦିନର କା ମିଳିପାରିଛି । ଏକ ହିସାବରୁ ଜଣା ପଡ଼ିଛି ଯେ ଆମ ଦେଶରେ ମାତ୍ର ୧୧.୬ ପ୍ରତିଶତ ଲୋକ ୧୦୦ ଦିନର କାମ ପାଇବାକୁ ସକ୍ଷମ ହୋଇଛନ୍ତି । ୧ କୋଟି ଲୋକଙ୍କୁ ମଧ୍ୟ ଆଦୌ କାମ ମିଳିପାରିନାହିଁ ।

ତା ହେଲେ ଚାଷୀ ଓ ଶ୍ରମିକ ଆତ୍ମହତ୍ୟା ନ କରି କରିବେ କ'ଣ ?

❖❖❖

## – ଶୁଭେଚ୍ଛା –

'ବୀମା କର୍ମଚାରୀ'ର ସମ୍ପାଦକ ତଥା କଟକ ଡିଭିଜନ୍ ବୀମା କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ଏବଂ ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ଓ ଅର୍ଥନୀତିଜ୍ଞ ଡଃ ସନ୍ତୋଷ କୁମାର ମହାପାତ୍ର ନିକଟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି । ସେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍, ଭୁବନେଶ୍ୱରର ପୂର୍ବତନ ପ୍ରଫେସର ତଥା ଓଡ଼ିଶାର ପ୍ରସିଦ୍ଧ ଅର୍ଥନୀତିଜ୍ଞ ଡଃ କିଶୋର ଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ **"Savings Behaviour of Salaried Individual : A Case Study of Twin City of Cuttack & Bhubaneswar"** ଉପରେ ୨୦୦୮ରୁ ଗବେଷଣା କରିଆସୁଥିଲେ । ଏହି ଗବେଷଣାରୁ ପ୍ରାପ୍ତ ତଥ୍ୟ ଆମ ଏଲ୍.ଆଇ.ସି. ପରି ବିଭିନ୍ନ ଆର୍ଥିକ ସଂସ୍ଥା ପାଇଁ ବହୁତ ଉପଯୋଗୀ ଅଟେ । ଏଥିପାଇଁ ତାଙ୍କୁ ଶୁଭେଚ୍ଛା ଜଣାଉଛୁ । *(ସମ୍ପାଦନା ମଣ୍ଡଳୀ : 'ବୀମା କର୍ମଚାରୀ ')*



# ୨୦୧୭-୧୮ ବଜେଟ୍ ସାଧାରଣ ଜନତାଙ୍କ ପାଇଁ ଛଳନା

ରାଜୀବ ଲୋଚନ ଦାଶ
ସଭାପତି, SDLIEA

ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ସଂସଦରେ ବଜେଟ୍ ଉପସ୍ଥାପନ କରାଯାଇଛି, ମାତ୍ର ବର୍ଷ ବର୍ଷ ଧରି ଚାଲି ଆସୁଥିବା ପରମ୍ପରାରେ ବ୍ୟତିକ୍ରମ ଘଟି ଫେବୃୟାରୀ ୨୮ ବଦଳରେ ଫେବୃୟାରୀ ୧ ତାରିଖରେ ଉପସ୍ଥାପିତ ହୋଇଛି । ଏହି ବର୍ଷ ବଜେଟ୍‌ରେ ଆଉ ଏକ ନିଆରା କଥା ହେଲା ସାଧାରଣ ବଜେଟ୍ ସହିତ ରେଳ ବଜେଟ୍‌ର ମିଶ୍ରଣ । ୧୯୨୪ ମସିହାରେ ବ୍ରିଟିଶ୍ ସରକାର ରେଳ ଶିଳ୍ପକୁ ଏକ ବିଶିଷ୍ଟ ଭିତ୍ତି ସଂରଚନା ରୂପେ ଗଣନାକରି ଅଲଗା ରେଳ ବଜଟେ୍ ପ୍ରସ୍ତୁତ କରୁଥିଲେ ଏବଂ ସେହି ଦିନଠାରୁ ରେଳ ମନ୍ତ୍ରୀ ରେଳ ବଜେଟ୍‌କୁ ଅନ୍ୟ ଦିନ ସଂସଦରେ ଉପସ୍ଥାପନ କରୁଥିଲେ । ଏହି ପରମ୍ପରାକୁ ଭଙ୍ଗ କରି ଚଳିତ ବର୍ଷ ସରକାର ଉଭୟ ବଜେଟ୍‌କୁ ଯୋଡ଼ିଦେଇ ଏକ ମାସ ପୂର୍ବରୁ ଉପସ୍ଥାପନ କଲେ । ବଜେଟ୍ ଆଗୁଆ ଉପସ୍ଥାପନର ଉଦ୍ଦେଶ୍ୟ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେଇ ଅର୍ଥମନ୍ତ୍ରୀ ପ୍ରକାଶ କଲେ ଯେ, ବଜେଟ୍‌ରେ ଯେଉଁ ନୂଆ ନିୟମ କିମ୍ବା ଆଇନ୍ ପ୍ରଣୟନ ହେବ, ତାହା ଏପ୍ରିଲ୍ ୧ ତାରିଖ ଆଗରୁ ନୀତି (Act) ରେ ପରିବର୍ତ୍ତନ ହୋଇ କାର୍ଯ୍ୟକାରୀ ହୋଇ ପାରିବ । କିନ୍ତୁ ଏହି ବଜେଟ୍ ଆଗୁଆ ଉପସ୍ଥାପନା କରିବା ପାଇଁ ଏହାର ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଏକ ମାସ ପୂର୍ବରୁ ସମାପ୍ତ ହୋଇ ଯିବା କଥା । ବଜେଟ୍ ପ୍ରସ୍ତୁତି ପାଇଁ ଯେଉଁ ତଥ୍ୟର ଆବଶ୍ୟକତା ରହିଛି ତାହା ବିଗତ ବର୍ଷର ଆର୍ଥିକ ସର୍ଭେ ରିପୋର୍ଟ (Economic Survey)ରୁ ମିଳିଥାଏ । ଏବଂ ଆଗୁଆ ବଜେଟ୍ ପ୍ରସ୍ତୁତ କଲେ ଏହି ସର୍ଭେ ରିପୋର୍ଟର ତଥ୍ୟ ଏକ ମାସ ଆଗରୁ ସଂଗ୍ରହ କରିବାକୁ ପଡ଼େ । ପ୍ରଫେସର ସୁଖମୟ ଚକ୍ରବର୍ତ୍ତୀ (JNU)ଙ୍କ ଅନୁସାରେ ଆର୍ଥିକ ସର୍ଭେ ରିପୋର୍ଟ ଦଶ ମାସର ଆର୍ଥିକ ତଥ୍ୟକୁ ନେଇ ପ୍ରସ୍ତୁତ ହୋଇଛି ଯେଉଁଥିରେ କି ବିମୁଦ୍ରାୟନ ଜନିତ କ୍ଷୟ କ୍ଷତିର ତଥ୍ୟ ମଧ୍ୟ ଏହି ସର୍ଭେ ରିପୋର୍ଟରେ ଦର୍ଶାଯାଇ ପାରିନାହିଁ ।

ତେଣୁ ଏଭଳି ତଥ୍ୟକୁ ନେଇ ପ୍ରକାଶିତ ସର୍ଭେ ରିପୋର୍ଟ ଏବଂ ଏହି ରିପୋର୍ଟର ତଥ୍ୟ ଅନୁସାରେ ପ୍ରସ୍ତୁତ ବଜେଟ୍ ଦିଶାହୀନ ହେବାର ଆଶଙ୍କା ରହିଛି । ବଜେଟ୍ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକା ଏବଂ ସୋସିଆଲ୍ ମିଡ଼ିଆରେ ଆଲୋଚନାର ବିଷୟ ଥିଲା ଏହି ବର୍ଷ ଆୟକର ସ୍ଲାବ୍‌ରେ ନିଶ୍ଚିତ ରୂପେ ଉନ୍ନତି ହେବ । ମାତ୍ର ଜେଟ୍‌ଲିଙ୍କ ବଜେଟ୍‌ରେ ଆୟକରର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ ଘଟିନାହିଁ, କେବଳ ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ଆୟକରର ଟିକସ୍‌ର ପରିମାଣ ୧୦% ବଦଳରେ ୫%ର ପ୍ରସ୍ତାବ ରହିଛି । ଦରଦାମ ବୃଦ୍ଧି ଯୋଗୁଁ ଲୋକଙ୍କର ବାସ୍ତବ ଆୟ (Real Wage) ହ୍ରାସ ପାଇବାରେ ଲାଗିଛି । ତେଣୁ, ଯଦି ଆୟକରର ସ୍ଲାବ୍‌ରେ ପରିବର୍ତ୍ତନ କରା ନ ଯାଏ ତେବେ କର ପ୍ରଦାନ କରୁଥିବା ଲୋକଙ୍କର ସଂଖ୍ୟା ବୃଦ୍ଧି ପାଇବ, ଅର୍ଥାତ୍ କର ଦେବାର ସାମର୍ଥ୍ୟ କମ ଥିବା ଲୋକଙ୍କୁ କର ଦେବାକୁ ପଡ଼ିବ । ସେଥିପାଇଁ ମୂଲ୍ୟ ବୃଦ୍ଧି ଯୋଗୁଁ ଆୟକରର ସ୍ଲାବ୍‌ରେ ବୃଦ୍ଧି ନିହାତି ଆବଶ୍ୟକ । ଏ ବର୍ଷର ପ୍ରଥମ **TAX SLAB** ରେ ଟିକସ୍ ହାର ୫%ଏବଂ ଦ୍ୱିତୀୟ ସ୍ଲାବ (ପାଞ୍ଚ ଲକ୍ଷରୁ ଦଶ ଲକ୍ଷ) ଟିକସ୍ ହାର ୨୦% ଏବଂ ଦଶ ଲକ୍ଷ ଉପରକୁ ୩୦% ରହିଛି । ୫% ରୁ ୨୦%ର ବୃଦ୍ଧି ଅସଙ୍ଗତ ଜଣା ପଡ଼େ । ଏହା ବ୍ୟତୀତ ଦଶ ଲକ୍ଷରୁ ଅଧିକ ଆୟ ଉପରେ ୩୦%ରୁ ଅଧିକ ଟିକସ ହାରର କୌଣସି ପରିବର୍ତ୍ତନ ନାହିଁ । ପୃଥିବୀର ଅନ୍ୟାନ୍ୟ ଦେଶରେ ସର୍ବାଧିକ ବ୍ୟକ୍ତିଗତ ଆୟର ପରିମାଣ ୩୦% ରୁ ଯଥେଷ୍ଟ ଅଧିକ । ଅଷ୍ଟ୍ରେଲିଆରେ ୪୯%, ବେଲଜିୟମରେ ୫୫%, ଚୀନରେ ୪୫%, କ୍ୟୁବାରେ ୫୦%, ଫ୍ରାନ୍ସରେ ୪୯%, ଜର୍ମାନୀରେ ୪୫%, ଜାପାନ୍‌ରେ ୪୦%, ଇଟାଲିରେ ୪୩%, ୟୁ.କେ.ରେ ୪୫% ଏବଂ ଆମେରିକାରେ ୩୯.୬% ରହିଛି । ଦେଶରେ ଆୟର ସମାନତା ରକ୍ଷା କରିବା ପାଇଁ ପ୍ରଗତିଶୀଳ ଆୟକର (ପ୍ରୋଗେସିଭ୍ ଟ୍ୟାକ୍ସ ) ନିହାତି ଭାବରେ ଆବଶ୍ୟକ । କିଛି ବର୍ଷ ହେଲା କେନ୍ଦ୍ର ବଜେଟ୍‌ରେ ପ୍ରତ୍ୟକ୍ଷ କର (Direct Tax)ର ଅନୁପାତ ପରୋକ୍ଷ କର (Indirect Tax)ର ଅନୁପାତ ତୁଳନାରେ କମି କମି ଯାଉଛି । ଏ ବର୍ଷ ବଜେଟ୍ ପ୍ରସ୍ତାବରେ ପ୍ରତ୍ୟକ୍ଷ କରର ପରିମାଣ ୨୦,୦୦୦ କୋଟି ଟଙ୍କା ହ୍ରାସ ପାଇଛି ଏବଂ ଏହାକୁ ଭରଣା କରିବା ପାଇଁ ସେବା କର, ସୀମା ଶୁଳ୍କ (Custom duty) ଓ ଆୟକାରୀ ଶୁଳ୍କ (Excise Duty)ରେ ବୃଦ୍ଧି କରି ୬୦,୦୦୦ କୋଟି ଟଙ୍କାର ପରୋକ୍ଷ କର ଆଦାୟ କରିବାର ପ୍ରସ୍ତାବ ରହିଛି । ପରୋକ୍ଷ କର ଧନୀ ଓ ଗରିବ ନିର୍ବିଶେଷରେ ସମସ୍ତ ଜନସାଧାରଣଙ୍କୁ ଦେବା ପାଇଁ ପଡ଼ିଥାଏ । ଏବଂ ଏହା ଦ୍ୱାରା ସାଧାରଣତଃ ମୂଲ୍ୟ ବୃଦ୍ଧି ହୋଇଥାଏ । ସରକାର ଆୟକର ଏବଂ କମ୍ପାନୀ କର (Corporate Tax) ଆଦାୟ କରି ନ ପାରି ସାଧାରଣ ଜନତାଙ୍କ ଉପରେ କରର ଭାର ଲଦିବା ପାଇଁ ଚେଷ୍ଟା କରି ଆସୁଛନ୍ତି । ଭାରତ ଭଳି ଏକ ଜନ ମଙ୍ଗଳ ରାଷ୍ଟ୍ର ପାଇଁ ସରକାରଙ୍କ ଏହି ନୀତି ପ୍ରପୁଜ୍ୟ ନୁହେଁ ।

ଅରୁଣ ଜେଟ୍‌ଲିଙ୍କର ବଜେଟ୍ ପ୍ରସ୍ତାବରେ ବଜେଟ୍ ନିଅଣ୍ଟ (Deficit Financing)କୁ ୩.୨%ରେ ସୀମିତ ରଖିବାର ନିଷ୍ପତ୍ତି ନିଆଯାଇଛି । ଦେଶର ବଡ଼ ବଡ଼ କର୍ପୋରେଟ୍ ଏବଂ ପୁଞ୍ଜିପତି ଏହି ପ୍ରସ୍ତାବକୁ ବିଶେଷ ପ୍ରଶଂସା କରିଛନ୍ତି । ୩.୨% ବଜେଟ୍ ନିଅଣ୍ଟକୁ ସ୍ଥିର ରଖିବା ପାଇଁ ସରକାର ଆୟକର ଓ କର୍ପୋରେଟ୍ ଟିକସ୍‌କୁ ବୃଦ୍ଧି ନ କରି ଦେଶର ସରକାରୀ ଖର୍ଚ୍ଚର ପରିମାଣକୁ କମ୍ କରିବା ପାଇଁ ଚେଷ୍ଟା କରୁଛନ୍ତି । ବିଗତ କିଛି ବର୍ଷରେ **Tax - to - GDP Ratio** ହ୍ରାସ ପାଇବାର ଲାଗିଛି । ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ଟିକସ୍ ମିଶାଇ **Tax - to - GDP Ratio** ୧୭.୬ ଅଛି । ଏ ବର୍ଷ ବଜେଟ୍ ପ୍ରସ୍ତାବ ଅନୁସାରେ ଆୟକର ଓ କର୍ପୋରେଟ୍ କରରେ ପରିମାଣ ହ୍ରାସ ଯୋଗୁ **Tax - to - GDP Ratio** ଆହୁରି କମ ହେବାର ଆଶଙ୍କା ରହିଛି । ଅନେକ ଦେଶରେ ଏହି ଅନୁପାତ ଆମଠାରୁ ଦୁଇ ଗୁଣ । କର୍ପୋରେଟ୍ ଜଗତକୁ ଖୁସି କରିବା ପାଇଁ ଯଦି ସରକାରୀ ଖର୍ଚ୍ଚ କମ୍ କରାଯାଏ ତେବେ ଦେଶରେ ଆର୍ଥିକ ମନ୍ଦି ଅବସ୍ଥା ସୃଷ୍ଟି ହେବାର ଆଶଙ୍କା ବୃଦ୍ଧି ପାଇବ । ସରକାରଙ୍କର ବିମୁଦ୍ରୀକରଣ ପ୍ରକ୍ରିୟା ଯୋଗୁଁ ଛୋଟ ବ୍ୟବସାୟୀଙ୍କ ବ୍ୟବସାୟରେ ବିଶେଷ ଭାବରେ କ୍ଷତି ଘଟିଛି ଏବଂ ଲୋକଙ୍କର କ୍ରୟ ଶକ୍ତି ହ୍ରାସ ପାଇଛି । ତେଣୁ ସରକାରୀ ଖର୍ଚ୍ଚ କାଟ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ନିଶ୍ଚିତ ରୂପେ ସଙ୍କୁଚିତ କରିବ ।

ବଜେଟ୍ ଉପସ୍ଥାପନ କଲାବେଳେ ଅର୍ଥମନ୍ତ୍ରୀ ଚାଷୀମାନଙ୍କର ଆୟକୁ ୨୦୨୨ ସୁଦ୍ଧା ଦୁଇ ଗୁଣିତ କରିବା ପାଇଁ ପ୍ରତିଶୃତିକୁ ଦୋହରାଇଥିଲେ । ସରକାରଙ୍କର ଏହି ପ୍ରତିଶୃତି ହୁଏତ କୃଷକମାନଙ୍କ ମଧ୍ୟରେ ମାନସିକ ଅନୁପ୍ରେରଣା ଜାଗ୍ରତ କରିପାରେ କିନ୍ତୁ ଏହାର ସଫଳ ରୂପାୟନ ପାଇଁ ବଜେଟ୍‌ରେ କୌଣସି ବ୍ୟବସ୍ଥା ଦୃଷ୍ଟି ଗୋଚର ହୁଏ ନାହିଁ । କୃଷି କ୍ଷେତ୍ର ପାଇଁ ବଜେଟ୍‌ରେ ୨୦୧୭-୧୮ ବର୍ଷ ପାଇଁ ଜିଡ଼ିପିର ୧.୯୫% ରଖାଯାଇଛି । ଯାହାକି ବିଗତ ବର୍ଷରେ ୧.୯୮% ଥିଲା । ଅର୍ଥାତ୍ କୃଷକମାନଙ୍କର ଆୟ ବୃଦ୍ଧି କରିବାକୁ ଯାଇ ବଜେଟ୍‌ରେ ଜି.ଡ଼ି.ପି.ର କମ୍ ପ୍ରତିଶତ ଖର୍ଚ୍ଚ ଆକଳନ କରାଯାଇଛି । କୃଷକମାନଙ୍କର ଆୟ ବୃଦ୍ଧି ପ୍ରତିଶୃତି ଉପରେ କୁହାଯାଇ ପାରେ ଯେ, ସେମାନଙ୍କର ବର୍ତ୍ତମାନର ଆୟ ପରିମାଣ ଜାଣିବା ଦରକାର । **''Survey of Agricultural House Holds, NSS, 70th Round''** ର **Report** ଅନୁସାରେ ବର୍ତ୍ତମାନର ଏକ ଚାଷୀ ପରିବାରର ମାସିକ ଆୟ ୬୪୨୬ ଟଙ୍କା । **Prof. R. Ram Kumar, Dean School of Development Studies at Tata Institute of Social Sciences**

ଙ୍କର ମତ ଅନୁସାରେ କୃଷକମାନଙ୍କର ଆୟକୁ ବୃଦ୍ଧି କରିବାକୁ ହେଲେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧୨%ରୁ ୧୪% ହେବା ଦରକାର । ଯାହାକି ଏବେ ୧.୨% ରହିଛି । ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରାଧାନ୍ୟ ଦିଆଯାଉଥିବା ମନରେଗା (**MGNEREGA**) ଯୋଜନାରେ ବ୍ୟୟ ଅଟକଳ ୪୮,୦୦୦ କୋଟି ଟଙ୍କା ରଖାଯାଇଛି । ଏହି ଯୋଜନା ବାବଦକୁ ବିଗତ ବର୍ଷ ୪୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଯଦି ଦରବୃଦ୍ଧିକୁ ହିସାବକୁ ନିଆଯାଏ ଏହି ବୃଦ୍ଧି ଯଥେଷ୍ଟ ନୁହେଁ । ଅର୍ଥମନ୍ତ୍ରୀ ବଜେଟ୍ ପ୍ରସ୍ତାବରେ କହିଥିଲେ ଯେ, ବିଗତ ବର୍ଷରେ ଏହି ଖର୍ଚ୍ଚ ୩୮,୦୦୦ କୋଟି ଟଙ୍କା ଥିଲା ଏବଂ ଏହାକୁ ୩୦% ବୃଦ୍ଧି କରିଛନ୍ତି । କିନ୍ତୁ ବାସ୍ତବରେ ଏହାର ସଂଶୋଧିତ ବ୍ୟୟ ଅଟକଳ ୪୭୪୦୦ କୋଟି ଟଙ୍କା କରାଯାଇଥିଲା ଏଥର ଏହାକୁ କେବଳ ୬୦୦ କୋଟି ବୃଦ୍ଧି କରି ୪୮,୦୦୦ କୋଟି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨୦୧୬-୧୭ରେ ୨୩୫୦ କୋଟି ଟଙ୍କା ସଂଶୋଧିତ ବଜେଟ୍ ଅଟକଳ କରାଯାଇଥିଲା ଯାହାକୁ ଚଳିତ ବର୍ଷ ବଜେଟ୍‌ରେ ୧୯୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି । ସରକାର ବହୁତ ଗୁଡ଼ିଏ ଜନମଙ୍ଗଳ କାର୍ଯ୍ୟର ପ୍ରସ୍ତାବ ବଜେଟ୍‌ରେ ଆଗତ କରିଛନ୍ତି କିନ୍ତୁ ଏହା ବାବଦରେ ବ୍ୟୟର ବରାଦ ସ୍ୱଳ୍ପ ଜଣା ପଡ଼େ । ବିଗତ ବର୍ଷ ସରକାରଙ୍କର ରାଜସ୍ୱ ବ୍ୟୟ ଜିଡ଼ିପିର ୧୩.୩୬% ଥିବା ବେଳେ ଏହି ବର୍ଷ ୧୨.୭୪%କୁ ଖସି ଆସିଛି । ଏହି ଖର୍ଚ୍ଚରୁ ରେଳ ବଜେଟ୍ ବାବଦ ଖର୍ଚ୍ଚକୁ ଯଦି ଅଲଗା କରିଦିଆଯାଏ ତେବେ ଏହା ଜିଡ଼ିପି ୧୨.୪୨% ହେବ । ବଜେଟ୍‌ର ନିଅଣ୍ଟକୁ ଭରଣା କରିବା ପାଇଁ ରାଷ୍ଟ୍ରାୟତ୍ତ ଶିଳ୍ପମାନଙ୍କର ପୁଞ୍ଜି ପ୍ରତ୍ୟାହାରର ପରିମାଣ ବହୁମାତ୍ରାରେ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି । ବିଗତ ବର୍ଷ ବଜେଟ୍‌ରେ ୫୭,୫୦୦ କୋଟି ଟଙ୍କା ପୁଞ୍ଜି ପ୍ରତ୍ୟାହାରର ପ୍ରସ୍ତାବ ଥିଲା କିନ୍ତୁ କେବଳ ୨୩,୫୮୨ କୋଟି ଟଙ୍କାର ବିନିବେଶ ହୋଇ ପାରିଥିଲା । ଏବର୍ଷ ବଜେଟ୍‌ରେ ସର୍ବାଧିକ ୭୨,୫୦୦ କୋଟି ଟଙ୍କା ଅର୍ଥାତ୍ ପାୟ ୬୦% ଅଧିକ ପୁଞ୍ଜି ପ୍ରତ୍ୟାହାରର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପୁଞ୍ଜି ପ୍ରତ୍ୟାହାର କରିବାର ସଂସ୍ଥାମାନଙ୍କ ମଧ୍ୟରୁ ସାଧାରଣ ବୀମା କମ୍ପାନୀର ଚାରିଟି ଯାକ ସଂସ୍ଥା ସହିତ ଜି.ଆଇ.ସି. ରି ଇନ୍ସୁରାନ୍ସ ଷ୍ଟକ୍ ମାର୍କେଟ୍‌ରେ ତାଲିକାଭୁକ୍ତ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ବ୍ୟତୀତ **Railway** ର **IRCTC, IRFC** ଏବଂ **IRCON** ରୁ ମଧ୍ୟ ପୁଞ୍ଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆ ଯାଇଛି । ଅର୍ଥମନ୍ତ୍ରୀଙ୍କ ପ୍ରସ୍ତାବ ଅନୁସାରେ ୪୬,୫୦୦ କୋଟି ଟଙ୍କା **Minority Stake Sale** ରୁ, ୧୫୦୦୦ କୋଟି ଟଙ୍କା **Strategic Sale** ରୁ, ଏବଂ ୧୧,୦୦୦ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବୀମା କମ୍ପାନୀକୁ **Stock Market** ରେ ତାଲିକାଭୁକ୍ତ କରି ଆଦାୟ କରାଯିବ ।

ଜେଟ୍‌ଲୀଙ୍କର ପ୍ରସ୍ତାବିତ ବଜେଟ୍‌ରେ ଅଚଳ ସମ୍ପତ୍ତି (**NPA**)ର ଅସୁଲି ପାଇଁ କୌଣସି ବ୍ୟବସ୍ଥା ନାହିଁ । ସମଗ୍ର ବଜେଟ୍‌ର ପରିମାଣ ୨୪ ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ବ୍ୟାଙ୍କ୍‌ରେ ସୃଷ୍ଟି ହୋଇଥିବା ଅଚଳ ସମ୍ପତ୍ତି ପରିମାଣ ୧୧ ଲକ୍ଷ କୋଟି ଟଙ୍କା ଅଟେ । ଏଭଳି ଏକ ବୃହତ୍ ଅଚଳ ସମ୍ପତ୍ତି ସୃଷ୍ଟି କରିଥିବା ବ୍ୟକ୍ତିମାନଙ୍କ ପାଖରୁ କିଭଳି ଅସୁଲ କରାଯିବ ସେହି ବାବଦରେ ନିଶ୍ଚିତ ରୂପେ ନୀତି ପ୍ରଣୟନ କରିବା ଦରକାର । ବଜେଟ୍‌ର ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କଲେ ଜଣା ଯାଏ ଯେ, ଏହି ବଜେଟ୍‌ରୁ ସାଧାରଣ ଜନତା ବିଶେଷ କରି ଗରୀବ, ଚାଷୀ, ଶ୍ରମିକ ଓ ଖଟିଖିଆ ଉପକୃତ ହେବେ ନାହିଁ । ବଜେଟ୍ ନିଅଣ୍ଟକୁ ସ୍ଥିର ରଖିବା ପାଇଁ ଯେଉଁ ସବୁ ନୀତି ନିର୍ଦ୍ଧାରଣ କରାଯାଇଛି ସେଥିରେ ସାଧାରଣ ଜନତାର କ୍ରୟ ଶକ୍ତିରେ ବୃଦ୍ଧି ହେବାର ଆଶା ଦୃଷ୍ଟି ଗୋଚର ହେଉ ନାହିଁ । ଏହା ଦ୍ୱାରା ଅର୍ଥନୀତିରେ ମନ୍ଦି ଅବସ୍ଥା ଆସିବାର ଆଶଙ୍କା ସୃଷ୍ଟି ହେବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ନିଶ୍ଚିତ ରୂପେ ବାଧା ପ୍ରାପ୍ତ ହେବ । ❖❖❖

## PENSION CASE IN DELHI HIGH COURT AIIPA MAKES EFFECTIVE AND STRONG PLEAS

**All India Insurance Pensioners Association's[AIIPA] Senior Counsel Sri Nagmohan Das and Advocate on Record Sri Som Dutt Sharma made impressive submissions on the twin prayers of 100% DA neutralisation to pre-aug.1997 pensioners and updation of Pension on 16/2/2017 and these were well received by the Court. Though there was to be no scheduled hearing, listed for that day, AIIPA Counsels could insist and secure a hearing. The Counsels arguments were brief but effective and to the point. They pointed out that the LIC Pension Rules were not a package and that did not bar the Pensioners from demanding improvements. It was argued and made clear that discussions between Employees' Associations and LIC Management in 1993/94 resulted in framing of Pension Rules and there was no settlement between the parties under Industrial Disputes Act and as such pensioners are not estopped from claiming further benefits. The counsels submitted that Pension is a property and when it is denied on par with other equally placed persons, there is scope for challenging the inequality and the pensioners have the right to improvements in pension and quoted a case law to bring out distinguishing features on discrimination, liberal interpretation in favour of pensioners and to establish the fact that pension is a property. It was strongly contended that LIC pensioners form a homogeneous group and are equals and there cannot be any discrimination on the basis of a cutoff date based on their date of retirement, which is violative of Art.[14]. On financial implications, for grant of cent percent neutralisation to Pre- August 1997 Pensioners, Counsels informed that LIC Board Resolution meant provision of about Rs. 141 Crores between the year 2001 to 2016 and if payment of 40% Interim Relief and the balance 60% due was reckoned, the cost therefore is miniscule. At this point, the Bench observed that cost was not a factor, even if it was more than the figure quoted. On Updation of Pension for LIC Pensioners irrespective of Date of retirement, the counsels argued that Central Government accepting Vth, VIth and VIIth Central Pay Commissions' recommendations and by issuance of O.M.s, have extended pension updation to their pensioners though there is no such provision for pension updation in C.C.S.Rules, and pointed out that when CentraL Government can grant pension updation to its Pensioners without any provision for pension Updation, there was no reason why similar benefit could not be extended to LIC Pensioners and appealed to the Court for grant of the benefit of pension updation to LIC pensioners. On ripple effects in other sectors, if any benefit is granted to LIC pensioners, the Counsels argued no concrete evidence has been placed. Quoting Art[21] which guarantees life with dignity, the Senior Counsel said that as a person grows old, requirements for health and other wants also increases, hence there is need for udgradation of pension on par with central govt. pensioners and other similarly placed pensioners. Court observed that pension cannot remain static and there has to be periodical pension revision and that was a Corporate Social Responsibility, whether the pensioners have the legal right or not. When LIC's Counsel wanted to present a chart highlighting Dearness Relief at varying levels of indices indicating earlier Pensioners were getting higher Dearness Relief, the Court observed every Pensioner must get Dearness Relief @ 0.23%, implying all are entitled for cent percent neutralisation and advised LIC to file a fresh Chart.**

❖❖❖



# ମହାସମ୍ମିଳନୀର ବାର୍ତ୍ତା

ନିରଞ୍ଜନ ନାହାକ, ସହ-ସମ୍ପାଦକ,
BDIEA, ବ୍ରହ୍ମପୁର

ଯାଇଥିଲି ସାଥୀ ଜାନୁୟାରୀ ମାସେ ସୁଦୂର କେରଳ ରାଜ୍ୟର ଜିଲ୍ଲା ଟି ନାମ ଏରନାକୁଲମ୍
ସଙ୍ଗଠନର ଚବିଶୀତମ ମହାସମ୍ମିଳନୀରେ ଯୋଗ ଦେଇଥିଲା ସାଧାରଣ ଦର୍ଶକ ରୂପେ ଏ ଅଧମ
କିଛି କଥା କିଛି ଅନୁଭୂତିର ଲେଖିଅଛି ଗୀତେ ବୀମା କର୍ମୀ ଭାଇଭଉଣୀଙ୍କ ହିତେ ହେ ସତ୍ୟମ୍
ସାରା ଭାରତର ବୀମା କର୍ମଚାରୀଙ୍କ ପ୍ରତିନିଧି, ଦର୍ଶକ ମହାସମ୍ମିଳନୀରେ ମିଶିହୋଇଥିଲେ ସଂଗମ୍
ଚବିଶୀତମ ମହାସମ୍ମିଳନୀର ଶୋଭାଯାତ୍ରା କୋଚିନ୍ ବନ୍ଦରଠାରୁ ଆରମ୍ଭ ହୁଏ ଶୁଣ ଭାଇ ବେଗମ୍
ବୀମା କର୍ମଚାରୀ ଭାଇ, ଭଉଣୀ ହଜାର ହଜାର ଶୋଭାଯାତ୍ରାର ଧାଡ଼ିରେ ପଥିକ ଧାଡ଼ି ଥିଲା ଜାମ୍
ନିଜେ ନିଜର ବେନର ପ୍ଲାକାର୍ଡ଼ ଧରି ଉଚ୍ଚ ସ୍ୱରରେ ଶ୍ଲୋଗାନ ଦିଅନ୍ତି ସର୍ବେଗରମ ପଡ଼ଇ ଦେହ ନିଜାମ୍
ସେଦିନର ଖୋଲା ଅଧିବେଶନର ସୁନ୍ଦର ସଜ୍ଜିତ ରଙ୍ଗମଞ୍ଚ ଲାଲ୍ ଝଣ୍ଡାର ଧାଡ଼ି, ଟୋପି, ପୋଷାକ ଲୋହିତମ୍
ସତେ କି ସୂର୍ଯ୍ୟଙ୍କ ପ୍ରଖର କିରଣେ ଲାଲ୍‌ରଙ୍ଗ ଶୋଭିତ ହୋଇଛି ସେହିସ୍ଥାନ ଶୁଣସାଥୀ ରହିମ୍
ସମ୍ମିଳନୀ ମଞ୍ଚକୁ ମହାନ୍ ବିପ୍ଳବୀ ଫ୍ରିଡ଼େଲ କାଷ୍ଟ୍ରୋଙ୍କ ନାମରେ ନାମିତ ମଞ୍ଚଟି ଶୁଣ ଜାଣ ଶୁଭମ୍
ଖୋଲା ଅଧିବେଶନରେ ଯୋଗ ଦିଅନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ, ଏମ୍.ପି. ସାଥୀ ଶ୍ୟାମା ଶ୍ୟାମ୍
ସରକାରଙ୍କ ହୀନ ନୀତି ଜନସାଧାରଣ, କର୍ମଚାରୀଙ୍କ ବଡ଼ ବିପତ୍ତି କହନ୍ତି ମାନ୍ୟଗଣ ନେତା ସାଥୀ ଆମ
ବୀମା କର୍ମଚାରୀ ସଂଘର ଖୋଲା ଅଧିବେଶନ ଦେଖିବା ଶୁଣିବା ପାଇଁ ପଥଚାରୀଙ୍କ ଭିଡ଼ ଅଧିକ ଜାମ୍
ଦ୍ୱିତୀୟ ଦିନରେ ସୁନ୍ଦର ମଞ୍ଚରେ ଉପସ୍ଥିତଥାନ୍ତି ତପନ୍ ସେନ୍, ଚନ୍ଦ୍ର ଶେଖର ବୋଷ, ଏନ୍.ଏମ୍. ସୁନ୍ଦରମ୍
ରଙ୍ଗ ବେରଙ୍ଗ ଆଲୁଅରେ ଶୋଭା ପାଉଥିଲେ ସାଥୀମାନଙ୍କ ମନ ମୋହୁ ଥିଲେ ମଞ୍ଚରେ ମହାମହିମ୍
ତ୍ରିଶକ୍ତି, ତ୍ରିମୂର୍ତ୍ତୀ, ତ୍ରିନେତାଙ୍କର ଲଢ଼େଇର ଦିଗ ନିର୍ଣ୍ଣୟକାରୀ, ପ୍ରେରଣାଦାୟକ ସମସ୍ତଭାଷଣମ୍
ପ୍ରିୟ ସଙ୍ଗଠନର ଷ୍ଟାଣ୍ଡିଙ୍ଗ୍ କମିଟି ସାଥୀଙ୍କ ବଳିଷ୍ଟ ବକ୍ତବ୍ୟ, ସିଦ୍ଧାନ୍ତଗୁଡ଼ିକ ମନକୁ ଗରମା ଗରମ୍
କେତେ ଆଲୋଚନା, ପ୍ରର୍ଯ୍ୟାଲୋଚନା, ସମାଲୋଚନା ମହାସମ୍ମିଳନୀର ଥଣ୍ଡାଗୃହକୁ କରିଛି ହେ ଗରମ୍
ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନେତା, ଟ୍ରେଡ୍ ୟୁନିୟନ୍ ସାଥୀଙ୍କ ବଳିଷ୍ଠ ଭାଷଣ ଆଗ୍ନେୟ ଶିଖା ସୁଭ୍ରମ୍
ବୀମା କର୍ମୀ ପାଇଁ ଅଗ୍ନିପରିକ୍ଷା ସମୟ ହୋଇଛି ଶୋଇ ଯାଅନାହିଁ ମୋ ଭାଇଟି ଆସ ଆସ ହେ ରାମ୍
ଶୁଣ ନଦିମ୍ ସଂଘର ସାଥୀ ହୋଇ ଲଢ଼ିବା, ଦେଖାଇବା, ଚେତାଇ ଦେବା ଆମର ଲଢ଼େଇର ଦାମ୍
ନିଷ୍ପତ୍ତି ହୋଇଛି ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନକରି ବିପଦର ଲଢ଼େଇକୁ ଆଗେଇ ବଢ଼ାହେ ଶ୍ୟାମ୍
କାର୍ଯ୍ୟାଳୟ ସେବା କ୍ଷେତ୍ରରେ ନିରନ୍ତର ସେବା ଯୋଗାଇ ଜନସାଧାରଣଙ୍କର ପ୍ରିୟ ଭାଜନ ହୁଏ ହେ ଗୌତମ୍
ସିଦ୍ଧାନ୍ତ ହୋଇଛି ପିପୁଲ୍ସଫରଇଣ୍ଡିଆ ଗଠନ କରିବା, ଶିକ୍ଷା ଶିବିର ଆୟୋଜନ କରିବା ହେବ ଆମର କାମ
ମଧ୍ୟାହ୍ନ ବିରତି ବିକ୍ଷୋଭ ସମାବେଶ ଡାକରା ଆସିବ ଜଗି, ଜଗି ରହିବେ ସମସ୍ତ ବୀମାଭାଇ ଭଉଣୀ ଆମ
ବନ୍ଦଡାକରା ଆସିବ, ପଥପ୍ରାନ୍ତ ସଭା ହେବ ମିଳିତ ମଞ୍ଚ ଗଠନ ହେବ, ମନ ଦୃଢ଼ କର ରୁହ ସାଥୀ ମୋର ଶେଖରମ୍
ଗାଁ ଗହଳି ପ୍ରଚାର, ପଥପ୍ରାନ୍ତ ସଭା, ପ୍ରଚାର ପ୍ରଖର ହେବ ସରକାରଙ୍କୁ ଘେରାଉ କରିବା ଆମର ହେବ ଟି ବଡ଼ କାମ
ସକଳ ସ୍ତରର ଜନସାଧାରଣଙ୍କୁ ଏକ ଜୁଟ କରି ଲଢ଼ି ଲଢ଼ାଇବା ଦୁଇବର୍ଷ କାମ ହେବ ସମସ୍ତଙ୍କ ମୂଖ୍ୟ କାମ
ଶାଖା ସଂଘ, ଡିଭିଜନ ସଂଘ, ଜୋନାଲ୍ ସଂଘ ସହିତ ନିତି ଦିନିଆ ବାର୍ତ୍ତା ସୁସମ୍ପର୍କ ଦୃଢ଼ କରିବା ଏହା ମୂଳ କାମ
ଶୁଣ ବୀମା କର୍ମୀ, ପେନସନ୍ ଭୋଗୀ ବୀମାଧାରୀ, ବୀମାକାରୀଙ୍କୁ ସମ୍ମିଳନୀର ବାର୍ତ୍ତା କହିଲେ ଟି ପର୍ଶୁରାମ୍
ପାଳନ କରଭାଇ ଆଉ ଆମକୁ ରକ୍ଷା ନାହିଁ ଦକ୍ଷିଣ ପନ୍ଥୀ ସରକାରଙ୍କ ଗତିବିଧିରେ ଦେଶବାସୀଙ୍କୁ ଖତମ୍
ସଙ୍ଗଠନ ଆମର ଜ୍ଞାନ ବୀଜ ବୁଣନ୍ତି ସମସ୍ତଙ୍କ ଭିତରେ ସାଇତି ନ ରଖି ଲଗାଇବ ନିଜ ନିଜର କାମ
ବୀମା କର୍ମଚାରୀ ବଞ୍ଚିବାର ଅଧିକାର ବାର୍ତ୍ତାକୁ ଶୁଣି ମୁଁ ସେଠାରେ କରିଅଛି ସ୍ୱାଗତ ସାଥୀ ସ୍ୱାଗତମ୍
ଜ୍ଞାନ ଆରହଣ କରିଛି ସେଠାରେ ନ ଶୁଣିବା କର୍ତ୍ତୃପକ୍ଷ ଆଉ ସରକାରଙ୍କ ସମସ୍ତ ହୀନ ଜୁଲମ୍
ସଙ୍ଗଠନ ପଥ ନିର୍ଦ୍ଧାରଣ କରେ ବୀମା କର୍ମୀ ଜୀବନ ପୟାସୀ ହେଉଅଛି ସର୍ବଦା ଆମର ମହାନ କାମ
ପାଳନ କରିବା ସଂଘର ବାର୍ତ୍ତାକୁ ଅକ୍ଷରେ ଅକ୍ଷରେ ଶୁଣ ଶୁଣ ସାଥୀ ବନ୍ଧୁ ହେ କୁମାର ମଙ୍ଗଳମ୍
ଏହି ଅବସରରେ ସମସ୍ତ ସଭ୍ୟସଭ୍ୟାଙ୍କୁ ପେନସନ୍ ଭୋଗୀଙ୍କୁ କରେ ମୁଁ ଶ୍ରଦ୍ଧାରେ ଦୂରରୁ ଅଭିନନ୍ଦନମ୍
ମହାସମ୍ମିଳନୀର ବାର୍ତ୍ତାକୁ ଉନ୍ମେଷର ବର୍ଷ କରି କରାଇବା ଶୁଣ ସାଥୀ ବନ୍ଧୁ ହେ ଭଦ୍ରମ୍ ।

❖ ❖ ❖

# ବିମୁଦ୍ରୀକରଣ ଏକ ବିଶ୍ଳେଷଣ

ଶିବ ଶଙ୍କର ମିଶ୍ର
ଜୀବନ ବୀମା ନିଗମ, ବରଗଡ଼ ଶାଖା

ନୋଟ ବା ମୁଦ୍ରାକୁ ଅଚଳ ବା ମୂଲ୍ୟହୀନ କରିବାକୁ ବିମୁଦ୍ରୀକରଣ ବା ଡିମନିଟାଇଜେସନ୍ କୁହାଯାଏ । ଏହାର ଅର୍ଥ ଟଙ୍କା ବା ମୁଦ୍ରାର ମୂଲ୍ୟ ପ୍ରତ୍ୟାହାର କରିବା । ବିମୁଦ୍ରୀକରଣ ଏକ ଅର୍ଥନୈତିକ ପ୍ରକ୍ରିୟା ଅଟେ । ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଥାଏ । ପ୍ରଥମତଃ, ଜାଲ୍‌ନୋଟ୍ କାରବାର ରୋକିବାରେ ଏହାର ଭଲ ପ୍ରଭାବ ରହେ । ରିଜର୍ଭବ୍ୟାଙ୍କର ମୁଦ୍ରାସହ ଏହି ଜାଲମୁଦ୍ରା ମିଶି ମୁଦାସ୍ଫୀତି ସୃଷ୍ଟି କରେ, ଯାହା ବିମୁଦ୍ରୀକରଣ ପ୍ରକ୍ରିୟାରେ ରୋକାଯାଇଥାଏ । ଦ୍ୱିତୀୟରେ ଗୁପ୍ତ ଟଙ୍କା ରଖିବା ଦ୍ୱାରା ବଜାରରେ ମୁଦ୍ରାର ଅଭାବ ଦେଖା ଦେଇଥାଏ, ଯାହା ମୁଦ୍ରା ପରିବର୍ତ୍ତନ ପ୍ରକ୍ରିୟାରେ ଅର୍ଥନୀତିକୁ ଆସିଥାଏ । ତୃତୀୟତଃ, କଳାଟଙ୍କା ହ୍ରାସ କରିବା ପାଇଁ କିଛିକାଂଶରେ ସହାୟକ ହୋଇଥାଏ ।

ଆମ ଦେଶର କଳାଧନ ଜି.ଡ଼ି.ପି.ର ୩୦%ରୁ ଅଧିକ ରିୟଲ୍‌ଷ୍ଟେଟ୍ ତଥା ଅଟୋମୋବାଇଲ କ୍ଷେତ୍ରରେ ଅଭିବୃଦ୍ଧି କଳାଟଙ୍କା ଉପରେ ପର୍ଯ୍ୟବେସିତ । କଳାଧନର କେବଳ ୫% ରୁ ୬% ଦେଶରେ ନଗଦ ଟଙ୍କା ଆକାରରେ ପ୍ରଚଳିତ । ତେଣୁ ଏଥିପାଇଁ ଆହୁରି କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ୧୯୭୮ ମସିହାରେ ମୋରାର୍‌ଜୀ ଦେଶାଇ ସରକାର ପାଞ୍ଚ ହଜାର ଓ ଦଶ ହଜାର ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ କରାଇଥିଲେ କିନ୍ତୁ ସମୟର ପ୍ରବାହରେ କଳା ଟଙ୍କାର ପ୍ରଭାବ ବଢ଼ିଚାଲିଛି । ସରକାର ସତରେ ଯଦି କଳାଟଙ୍କା ରୋକିବା ପାଇଁ ବଦ୍ଧ ପରିକର ତା'ହେଲେ ବ୍ୟାଙ୍କମାନଙ୍କର ଅନାଦାୟ ଋଣ ଯାହା ୮ ଲକ୍ଷ କୋଟି ଟଙ୍କା ଉର୍ଦ୍ଧ୍ୱରେ ପହଞ୍ଚିଛି ଏବଂ ଅନାଦାୟ ପ୍ରତ୍ୟକ୍ଷ ଟିକସ୍ (Direct Tax) ଯାହା ୮.୨୭ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱରେ ପହଞ୍ଚିଛି, ତାକୁ ଉଦ୍ଧାର କରି ଦୋଷୀଙ୍କୁ ଦଣ୍ଡଦେବାର ବ୍ୟବସ୍ଥା କରନ୍ତୁ ।

ଅଧିକାଂଶ କଳାଧନ ରଖିଥିବା ବ୍ୟକ୍ତି ଦେଶ ବାହାରେ କଳାଧନ ରଖିଛନ୍ତି । ସେମାନଙ୍କ ଉପରେ ଏହା କିନ୍ତୁ ପ୍ରଭାବ ପକାଇବ ନାହିଁ, ଏଥିରେ କେବଳ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ, ରାଜନେତା, ମନ୍ତ୍ରୀ ଓ ଡାକ୍ତରଙ୍କ ପାଇଁ ସାମୟିକ ଭାବେ କିଛିଟା ସମସ୍ୟା ସୃଷ୍ଟି କରିବ । ତେଣୁ ବିଦେଶରେ ଥିବା ୪୦ ଲକ୍ଷ କୋଟି ଟଙ୍କାର କଳାଧନ (ସରକାରଙ୍କ ଦ୍ୱାରା ଘୋଷିତ) ଫେରାଇବାର ସରକାରଙ୍କ ପ୍ରୟାସ ଦେଶ ହିତରେ ଲାଗି ପାରିବ ।

ବର୍ତ୍ତମାନ ସରକାର ଯେଉଁ ପାଞ୍ଚଶହ ଟଙ୍କା ଓ ହଜାର ଟଙ୍କା ମୁଦ୍ରାର ବିମୁଦ୍ରୀକରଣ କରିଛନ୍ତି, ଏହାଦ୍ୱାରା ଅନ୍‌ଏକାଉଣ୍ଟେଡ୍ ଟଙ୍କାର କିଛି ଅଂଶ ବ୍ୟାଙ୍କ୍‌ରେ ଜମା ହେବ ଓ ସରକାରଙ୍କୁ କିଛି ଟିକସ୍ ମିଳିବ । ଏହି ପରିବର୍ତ୍ତନ ଯୋଗୁଁ ଜାଲ୍‌ନୋଟ୍ କାରବାର କିଛିକାଂଶରେ ବନ୍ଦହେବ । ତେବେ ରାଜନୈତିକ ଦୁର୍ନୀତି ଓ ଅବ୍ୟବସ୍ଥା ଏସବୁର ମୂଳ । ତାହା ଦୂର କରିବା ବିନା କଳାଟଙ୍କାକୁ ରୋକା ଯାଇ ପାରିବ ନାହିଁ । କଳାଟଙ୍କା ବ୍ୟବହାର କରୁଥିବା ରାଜନୈତିକ ଦଳଗୁଡ଼ିକ ଯଦି ସେମାନଙ୍କ ଆର୍ଥିକ ଦେଣ, ନେଣକୁ ସ୍ୱଚ୍ଛ ଓ ସର୍ବସାଧାରଣ କରନ୍ତେ, କଳା କାରବାର ବହୁ ପରିମାଣରେ କମିଯାଆନ୍ତା । ବେଳେ ବେଳେ ଦେଖା ଯାଇଛି ଯେ ବଡ଼ ବଡ଼ ଲୋକେ ଅତୀତର ତାରିଖରେ ମନ୍ଦିରକୁ ଦାନ ଦେଇ ଟିକସ୍ ଫାଙ୍କୁଛନ୍ତି । ଗତ ତିନି ବର୍ଷ ମଧ୍ୟରେ ଜାତୀୟକରଣ ବ୍ୟାଙ୍କ୍ ସମୂହ 114 ହଜାର କୋଟି ଟଙ୍କା Writte of କରିଛନ୍ତି ଯାହା ଫଳରେ ବ୍ୟାଙ୍କମାନେ କ୍ଷତିରେ ଚାଲୁଛନ୍ତି ।

ଭାରତରେ ଟିକସ୍ – ଜିଡ଼ିପି ଅନୁପାତ (Tax-G.D.P. Ratio) ବହୁତ ଖରାପ । ଯଦି ଧନୀ ଓ ବଡ଼ ଶିଳ୍ପପତିଙ୍କୁ ବର୍ଦ୍ଧିତ ହାରରେ ଟିକସ୍ ଲଗାଯାଏ ଏବଂ ଟିକସ୍ ଫାଙ୍କିକୁ ରୋକାଯାଏ, ତେବେ ଏହି ଅନୁପାତ ବଢ଼ିବ ଓ ଦେଶର ପ୍ରଗତିରେ ସହାୟକ ହେବ ।

୧୯୯୭ଠାରୁ ଭାରତୀୟ ଅର୍ଥନୀତି ୯ ଗୁଣ ବୃଦ୍ଧି ପାଇଛି । ତେଣୁ ଆୟ ଘୋଷଣା ଓ ଟିକସ୍ ଆଦାୟ ୯ ଗୁଣ ବୃଦ୍ଧି ପାଇବା କଥା ; କିନ୍ତୁ ଟିକସ୍ ବୃଦ୍ଧି ୩ ଗୁଣ ହୋଇଛି ।

ବର୍ତ୍ତମାନ ସରକାର ଯେଉଁ ଟଙ୍କାକୁ ମୂଲ୍ୟହୀନ କରିଛନ୍ତି, ତା'ର ମିଶ୍ରିତ ପ୍ରତିକ୍ରିୟା ଓ ପ୍ରଭାବ ଦେଶରେ ପଡ଼ିଛି । ଏବେ ନୂଆ ନୋଟ୍ ଛାପିବା ପାଇଁ ସରକାରଙ୍କ ୧୫୦୦୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି ।

ATM ରେ କେବଳ ୧୦,୦୦୦ ଖଣ୍ଡ ନୋଟ୍ ରହୁଛି, ଯାହା ମାତ୍ରାଧିକ ଭିଡ଼ରେ ସରିଯାଉଛି । ଭାରତ ଏବେ ମଧ୍ୟ ପୃଥିବୀରେ ସବୁଠାରୁ ବଡ଼ ନଗଦ–ପ୍ରଧାନ ଅର୍ଥ ବ୍ୟବସ୍ଥା । ଯେଉଁଠି ଅଧିକାଂଶ ଲୋକ ନଗଦ ଟଙ୍କାରେ ଦେଣ ନେଣ କରିଥାନ୍ତି । ଆମ ସମାଜର କମ୍ ଆୟକାରୀ ବର୍ଗର ଲୋକଙ୍କ ପାଖରେ ନଗଦଟଙ୍କା କାରବାର ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ । ଚାଷୀ ମୂଲିଆ ଭଳି ଅସଙ୍ଗଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ, ବେତନଭୋଗୀ, ପେନସନ୍‌ଭୋଗୀ, ଛୋଟ ବଡ଼ ଦୋକାନୀ ଓ ଭ୍ରମଣକାରୀ ଦଳ, ବାହାଘର ପାଇଁ ଟଙ୍କା ରଖିଥିବା ଗରିବ ପରିବାର ଓ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ହଇରାଣ ହେଉଛନ୍ତି, ଯାହାର ବିକଳ୍ପ ବ୍ୟବସ୍ଥା ସରକାର ପୂର୍ବରୁ କରିବା ଉଚିତ ଥିଲା । ସରକାର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଯେଉଁ ମୁଦ୍ରା ବଦଳ ସମୟ ରଖିଛନ୍ତି, ତାହା ଆହୁରି ବଢ଼ାଇବା ଉଚିତ୍ ଥିଲା । ବାସ୍ତବ ସ୍ଥିତିକୁ ଦେଖିଲେ ସରକାରଙ୍କ ତଥାକଥିତ ସ୍ୱତନ୍ତ୍ର ବ୍ୟବସ୍ଥା ପର୍ଯ୍ୟନ୍ତ ନୁହେଁ । ବିଶେଷ କରି ନିରକ୍ଷରତା ରହିଥିବା ଏଇ ଦେଶରେ ଏହି ନୀତିକୁ ହଠାତ୍ କାର୍ଯ୍ୟକାରୀ କରିବା ବେଳେ ସାଧାରଣ ଜନତା ହଇରାଣ ହେଉଛନ୍ତି । ଶାରୀରିକ ବିକଳାଙ୍ଗ ଓ ବୟସ୍କବ୍ୟକ୍ତିଙ୍କ ପାଇଁ ସରକାର ଯଦିଓ ଏକ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରିବା ପାଇଁ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଛନ୍ତି, ତଥାପି ଲୋକଙ୍କ ଅସୁବିଧା ବଢ଼ିବାରେ ଲାଗିଛି ।

ଏହାର ପ୍ରଭାବ ବିକ୍ରି ଓ କିଣା ଉପରେ ମଧ୍ୟ ପଡ଼ିଛି ୯୦% ମୋବାଇଲ୍ ବିକ୍ରି କମ୍ ହୋଇଛି । ଆସନ୍ତା ଛଅ ମାସ ପର୍ଯ୍ୟନ୍ତ ସମସ୍ତ ସେକ୍ଟରରେ ମାନ୍ଦାବସ୍ଥା – (depression) ରହିବାର ଆଶା କରାଯାଉଛି । ଏହାଦ୍ୱାରା ଜନଧନ ଯୋଜନାର ବ୍ୟାଙ୍କ୍ ଏକାଉଣ୍ଟରେ ମଧ୍ୟ ଜମାବୃଦ୍ଧି ପାଇଛି । ଏହାଦ୍ୱାରା ଏହି ଏକାଉଣ୍ଟଗୁଡ଼ିକ ଚଞ୍ଚଳ ହୋଇ ଯାଇଛି ଏବଂ ବ୍ୟାଙ୍କମାନଙ୍କର ଆୟ ବଢ଼ିଛି ।

IDS-2106 (ସ୍ୱତଃ ପ୍ରବୃତ୍ତ ଭାବେ କଳାଧନା ଘୋଷଣା) କରି ସରକାର ଯେଉଁ ୬୫୨୫୦ କୋଟି ଟଙ୍କା ପାଇଛନ୍ତି, ତା' ମଧ୍ୟରୁ ୫୨୦୦୦ କୋଟି ବାଧ୍ୟବାଧକତାରେ ଲୋକେ ଘୋଷଣା କରିଛନ୍ତି । ସରକାର ୨ ଲକ୍ଷ କୋଟି ଟଙ୍କା ଘୋଷିତ ହେବାର ଆଶା ରଖିଥିଲେ । ବଡ଼ ବଡ଼ ମାଛଙ୍କୁ ଧରିବା ପାଇଁ ଏବେ ମଧ୍ୟ ସରକାର ଚେଷ୍ଟିତ ହେବା ବିଧେୟ ।

ସରକାର କଳାଧନ ବାହାର କରିବା ପାଇଁ ଅନେକ ଯୋଜନା କରିବେ ବୋଲି କହିଛନ୍ତି । ତେବେ ସମୟର କଷଟି ପଥରରେ ମୋଦୀ ସରକାରଙ୍କ ପରୀକ୍ଷା ଦେବାର ଦେଖିବାକୁ ରହିଲା ।

❖ ❖ ❖

Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari
at Bani Press , Cuttack - 8 , Editor - **Dr. Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com**